# ଦିବ୍ୟାଙ୍ଗମାନେ ସମାଜର ଅବିଚ୍ଛେଦ୍ୟ ଅଙ୍ଗ

ନବରଙ୍ଗପୁର, ୩।୧୨(ବି.ପ୍ର.)

ନବରଙ୍ଗପୁର ଜିଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଜିଲା ପ୍ରଶାସନ, ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ବ୍ଲକ୍ ଅଫିସ୍ ପାଖରୁ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଆସିଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ର, ସେମାନଙ୍କ ଅଭିଭାବକ, ଆଶା କିରଣ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଏକ ସଚେତନ ଶୋଭାଯାତ୍ରା ମିଶନ ଶକ୍ତି ସଭା ଗୃହ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ର ସବୁଜ ପତାକା ଦେଖାଇ ଏହି ସଚେତନ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ପରେ ମିଶନ ଶକ୍ତି ସଭା ଗୃହରେ ଜିଲ୍ଲାପାଳ ଡକ୍ଟର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଡକ୍ଟର ମିଶ୍ର ଦିବ୍ୟାଙ୍ଗମାନେ ସମାଜର ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ। ସେମାନଙ୍କ ପାଇଁ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦେବାକୁ ଜିଲା ପ୍ରଶାସନ ସର୍ବଦା ଜାଗ୍ରତ ବୋଲି ସେ କହିଛନ୍ତି। ଏଥିପାଇଁ ଜନ ସଚେତନତାର ଆବଶ୍ୟକତା ରହିଛି ବୋଲି ଜିଲାପାଳ କହିଛନ୍ତି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ନୀଳମଣି ଦିଲିପ ଚାନ୍ଦ ବେହେରା, ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଡିଆଇପିଆରଓ ହଳଧର ନିଆଲ, ଅଧ୍ୟକ୍ଷ ଆଶାକିରଣ ଜଗନ୍ନାଥ ବେହେରା, ଜିଲା ଭିନ୍ନକ୍ଷମ ସଂଘ ସଭାପତି ସୁଜିତ୍ କୁମାର ରଥ ଯୋଗଦେଇ ଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଜିଲାପାଳ ପୁରସ୍କୃତ କରିଥିଲେ। ଏଥିରେ ବ୍ଲକ୍ ସମାଜ ସୁରକ୍ଷା ଅଧିକାରୀ ଧନୁର୍ଜୟ ରାଓ, ବିଭୁଦତ୍ତ ସେଠୀଙ୍କ ସମେତ ଜିଲା ସାମାଜିକ ସୁରକ୍ଷା ବିଭାଗ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ନବରଙ୍ଗପୁରସ୍ଥିତ ସ୍ଥାନୀୟ ଏକ୍ସ ବୋର୍ଡ ୟୁପି ସ୍କୁଲରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦିବ୍ୟାଙ୍ଗ ପିଲାମାନଙ୍କୁ ନେଇ ନାଚ, ସଙ୍ଗୀତ, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲାପାଳ କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଦିବ୍ୟାଙ୍ଗ ହେଲେ ମଧ୍ୟ ସବୁ କ୍ଷେତ୍ରରେ ସେମାନେ ସକ୍ଷମ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଡିଇଓ ପ୍ରଦୀପ କୁମାର ନାଗ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଛନ୍ତି। ଅନ୍ୟତମ ଅତିଥିଭାବେ ଜିଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ଜଗଦାନନ୍ଦ ସୁନାରୀ, ଜିଲା ଯୋଜନା ସଂଯୋଜକ ପ୍ରଦୀପ୍ତ ଷଡ଼ଙ୍ଗୀ, ଏବିଇଓ ପୁଷ୍ପା ମହାନ୍ତି, ନମିତା ଘଡ଼େଇ ପ୍ରମୁଖ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ରାୟଙ୍କ ନିର୍ଦ୍ଦେଶକ୍ରମେ ସଦର ବ୍ଲକର ୭୦ ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ, ଶିକ୍ଷକମାନେ ଯୋଗ ଦେଇଥିଲେ। ବ୍ଲକର ସମସ୍ତ ସିଆର୍‌ସିସି ଓ ଗୋଷ୍ଠୀ ସମ୍ବଳ ଶିକ୍ଷକ ଲଳିତ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଜିଲାପାଳ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି।

## ସଂକ୍ଷେପରେ

### ଆତ୍ମା କମିଟି ବୈଠକ



ନନ୍ଦାହାଣ୍ଡି, ୩।୧୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଅଧୀନ ନନ୍ଦାହାଣ୍ଡି ବ୍ଲକ କୃଷି କାର୍ଯ୍ୟାଳୟରେ ବ୍ଲକ ଆତ୍ମା କମିଟିର ଏକ ବୈଠକ ଅଧ୍ୟକ୍ଷ ନାରାୟଣ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନନ୍ଦାହାଣ୍ଡି ବ୍ଲକ ପଶୁ ସମ୍ପଦ ଅଧିକାରୀ ସୁରେଶ ବେହେରା, ଆତ୍ମା କମିଟି ସଦସ୍ୟ ସନ୍ତୋଷ ଷଡ଼ଙ୍ଗୀ, ଲକ୍ଷ୍ମୀ ନାରାୟଣ ମାଝି, ଈଶ୍ୱର ନାୟକ, ରାଜେନ୍ଦ୍ର ମାଝି,ଈଶ୍ୱର ମାଳି, ଲକ୍ଷ୍ମୀ ନାୟକ ପ୍ରମୁଖ ଉପସ୍ଥିତ ରହି ଅଗାମୀ ଦିନରେ ବ୍ଲକରେ ଆତ୍ମା ପକ୍ଷରୁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସବିଶେଷ ଆଲୋଚନା କରିଥିଲେ। ବ୍ଲକ କୃଷି ଅଧିକାରୀ ଅମିତ କୁମାର ମଲ୍ଲିକ ବୈଠକ ପରିଚାଳନା କରିଥିଲେ। ବ୍ଲକ କୃଷି ବୈଷୟିକ ସହାୟକ ମନୋଜ ରାଜପୁତ, ସହ ବୈଷୟିକ ସହାୟକ ପ୍ରଦୀପ ମହାପାତ୍ର ଓ ସୁରଜ ମହାରଣା ବୈଠକରେ ପରିଚାଳନାରେ ସହଯୋଗ କରିଥିଲେ।

### ବ୍ଲକସ୍ତରୀୟ ଅନ୍ତର୍ଜାତିକ ଭିନ୍ନକ୍ଷମ ଦିବସ




ଡାବୁଗାଁ, ୩।୧୨ (ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଅନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଶନିବାର ପାଳିତ ହୋଇଯାଇଛି। ଏଥିରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଚିତ୍ରାଙ୍କନ, ସଙ୍ଗୀତ, ମ୍ୟୁଜିକ ଚେୟାର, ନୃତ୍ୟ, ଲେମ୍ବୁଚାମଚ, ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧ମ, ୨ ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଛନ୍ତି। ବିଇଓ ଶିବଶଙ୍କର ମଣ୍ଡଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝି ଯୋଗ ଦେଇଥିଲେ। ଏଥିରେ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଦିବ୍ୟାଙ୍ଗ ଛାତ୍ରୀଛାତ୍ର, ଅଭିଭାବକମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଗୋଷ୍ଠୀ ସାଧନ ଶିକ୍ଷକ ଛନ୍ଦାଚରଣ ମେହେର ପରିଚାଳନା କରିଥିଲେ।

### ଯୌତୁକ ନିର୍ଯାତନା ଅଭିଯୋଗରେ ସ୍ୱାମୀ କୋର୍ଟ ଚାଲାଣ

ଗଞ୍ଜାମ,୩।୧୨(ଡି.ଏନ୍.ଏ.)-ଗଞ୍ଜାମ ଥାନା ଅନ୍ତର୍ଗତ ବିରିପୁର ଗ୍ରାମର ଅଭିଯୁକ୍ତ ପ୍ରଶାନ୍ତ ଦାସଙ୍କୁ ଯୌତୁକ ନିର୍ଯ୍ୟାତନା ଅଭିଯୋଗରେ କୋର୍ଟ ଚାଲାଣ କରାଯାଇଛି। ପତ୍ନୀ ସୁଫଳା ଦାସ ଯୌତୁକ ଜନିତ ନିର୍ଯାତନା ସହିନପାରି ଗଞ୍ଜାମ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ପକ୍ଷରୁ ନଂ.୨୩୪/୨୨ରେ ମାମଲା ରୁଜୁ କରାଯାଇଛି।

# ନଷ୍ଟ କରାଗଲା ଜବତ ୩୧୬୯ କିଲୋ ଗଞ୍ଜେଇ

ନବରଙ୍ଗପୁର, ୩।୧୨(ବି.ପ୍ର.)

ଥାନା ପକ୍ଷରୁ ତଦନ୍ତ ସରିଯାଇଥିବା ମାମଲା ଗୁଡିକରେ ଜବତ ହୋଇଥିବା ଗଞ୍ଜେଇକୁ ନଷ୍ଟ କରାଯିବା ପାଇଁ ସମ୍ପୃକ୍ତ ଥାନା ପକ୍ଷରୁ କୋର୍ଟକୁ ଅନୁମତି ମଗାଯାଇଥିଲା। ଜିଲାର ଖାତିଗୁଡା, ପାପଡାହାଣ୍ଡି, କୋଷାଗୁମୁଡା ଓ ନବରଙ୍ଗପୁର ଥାନା ପୋଲିସ ୧୫ଟି ମାମଲାରେ ଜବତ କରିଥିବା ୩୧୬୯.୯୭୦ କିଲୋ ଗଞ୍ଜେଇକୁ କୋରାପୁଟ ଜିଲା ଦାମନଯୋଡିସ୍ଥିତ ନାଲ୍‌କୋଠାରେ ଶୁକ୍ରବାର ନଷ୍ଟ କରାଯାଇଛି।

ବିଭିନ୍ନ ଥାନାରେ ଜବତ ପରେ ଗଞ୍ଜେଇ ରଖିବାରେ ସମସ୍ୟା ଦେଖା ଦେଉଥଲା। ଏହାର ସମାଧନ ପାଇଁ କମିଟି ଗଠନ କରି ଗଞ୍ଜେଇଗୁଡିକ ନଷ୍ଟ କରାଯାଇ ପାରିବ ବୋଲି ସୁପ୍ରିମକୋର୍ଟ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲାସ୍ତରରେ ଡ୍ରଗ୍ସ ଡିସ୍‌ପୋଜାଲ କମିଟି ଗଠନ କରାଯାଇଛି। ଏସ୍‌ପି ଏସ.ସୁଶ୍ରୀ କମିଟି ଅଧ୍ୟକ୍ଷା ଅଛନ୍ତି। ନୋଡାଲ ଅଧିକାରୀଭାବେ ଡିଏସପି ପୁରୁଷୋତମ ଭୋଇ, ଜଣେ ଡେପୁଟି କଲେକ୍ଟର, ଅବକାରୀ ଅଧିକ୍ଷକ ସଭ୍ୟ ରହିଛନ୍ତି। ଥାନା ପକ୍ଷରୁ ଗଞ୍ଜେଇ ନଷ୍ଟ ପାଇଁ ଅନୁମତି ମଗାଯାଇଥିଲା। କୋର୍ଟ ନିର୍ଦ୍ଦେଶ ଆସିବା ପରେ ଥାନା ପକ୍ଷରୁ କମିଟି ନିକଟରେ ତାହା ଉପସ୍ଥାପନ କରାଯାଇଥିଲା। କମିଟି ଏହାର ଯାଞ୍ଚ କରିବା ପରେ ଅଧ୍ୟକ୍ଷଙ୍କ ଅନୁମତି ପରେ ଗଞ୍ଜେଇ ଗୁଡିକ ନଷ୍ଟ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଗଞ୍ଜେଇ ନଷ୍ଟ କରିବା ପୂର୍ବରୁ ଦିଲ୍ଲୀ ପରିବେଶ ମନ୍ତ୍ରାଳୟରୁ ଅନୁମତି ମଗାଯାଇଥିଲା। ଅନୁମତି ଆସିବା ପରେ ନବରଙ୍ଗପୁର ନକଟ ଦାମନଯୋଡିଠାରେ ଗଞ୍ଜେଇକୁ କମିଟି ଅଧ୍ୟକ୍ଷା ଓ ଡେପୁଟି କଲେକ୍ଟର ମୌସୁମୀ ନାୟକଙ୍କ ଉପସ୍ଥିତିରେ ନଷ୍ଟ କରାଯାଇଛି।



ଗଞ୍ଜେଇ ନଷ୍ଟବେଳେ ନବରଙ୍ଗପୁର ଏସ୍‌ପି ଏସ୍.ସୁଶ୍ରୀ ଓ ଡେପୁଟି କଲେକ୍ଟର ମୌସୁମୀ ନାୟକ।

# 'ଦିବ୍ୟାଙ୍ଗମାନେ କୌଣସି କ୍ଷେତ୍ରରେ କମ୍ ନୁହନ୍ତି'

ପାପଡ଼ାହାଣ୍ଡି/ରାଇଘର/ଉମରକୋଟ, ୩।୧୨(ଡି.ଏନ୍.ଏ./ସ୍ୱ.ପ୍ର.)

ପାପଡ଼ାହାଣ୍ଡି ବିଇଓ କାର୍ଯ୍ୟାଳୟରେ ବିଇଓ ବୀରେନ୍ଦ୍ର କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା ମୁଖ୍ୟ ଅତିଥି, ଏବିଇଓ ବାଲକ ଦାସ ରନ୍ଧାରୀ, ଏବିଇଓ ପୂର୍ଣ୍ଣଚନ୍ଦ୍ର ମାଝି, ବ୍ଲକ ସାମ୍ବାଦିକ ସଂଘ ସଭାପତି ଏନ୍. ଜନାର୍ଦ୍ଦନ ରାଓ, ପୂର୍ବତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସୁବାସ ଘଣ୍ଟ, ସୁବାସ ଚର୍ଚ୍ଚି ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସମାଜର ମୁଖ୍ୟସ୍ରୋତରେ ମିଶାଇବା କାର୍ଯ୍ୟକ୍ରମର ଲକ୍ଷ୍ୟ। ଦିବ୍ୟାଙ୍ଗମାନେ କୌଣସି କ୍ଷେତ୍ରରେ କମ୍ ନୁହନ୍ତି ବୋଲି ଅତିଥିମାନେ କହିଥିଲେ। ପାପଡ଼ାହାଣ୍ଡି ବ୍ଲକର ସ୍କୁଲରୁ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିଲେ। ସଂଗୀତରେ କ୍ଷୀରୋମଣି ଗୌଡ଼, ମ୍ୟୁଜିକ୍ ଚେୟାରରେ ଲକ୍ଷ୍ମଣ ମାଝି, ନୃତ୍ୟରେ ସମୀର ହରିଜନ, ପ୍ରବନ୍ଧରେ କଳ୍ପନା ବିଷୋୟୀ, ଚିତ୍ରାଙ୍କନରେ ସମୀର ଭତରା ପ୍ରଥମ ହୋଇଛନ୍ତି। ଦଳେଇଗୁଡ଼ା ସେବାଶ୍ରମ ବିଦ୍ୟାଳୟର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ଲଖନ ମାଝି ମଞ୍ଚ ପରିଚାଳନା କରିଥିବାବେଳେ ସିଆର୍‌ସିସି ମନୋଜ ମାଝି ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଶାନ୍ତ ପଣ୍ଡା, ଦୀପ୍ତି ଷଡ଼ଙ୍ଗୀ, ଅନୁପମା ମହାନ୍ତି, ଜଗଦୀଶ ସାମଲ, ସସ୍ମିତା ମଲ୍ଲିକ ସହଯୋଗ କରିଥିଲେ।




ପାପଡାହାଣ୍ଡିରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ରାଇଘର ବ୍ଲକ ପରିସରରେ ଥିବା ମଣ୍ଡେଇ ମଞ୍ଚରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିଥିଲା। ଏହାପରେ ମଣ୍ଡେଇ ମଞ୍ଚରେ ଏକ ସଭାର ଆୟୋଜନ କରାଯାଇଛି। ବିଇଓ ଈଶ୍ୱର ମାଝିଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ବିଡିଓ ଦେବାଶିଷ କର ମୁଖ୍ୟ ଅତିଥି, ରାଇଘର ଏବିଡିଓ ବିଜୟ ସେଠୀ, ଏବିଇଓ ଅରବିନ୍ଦ ପରିମାଣିକ, ସୋନା ମାଝି, ବ୍ଲକ ଜିପିଓ ଅଜିତ ନନ୍ଦ, ରାଇଘର ସରପଞ୍ଚ ଲମ୍ବୋଦର ମାଝି, ହର୍ଷ ମହାପାତ୍ର, ବିଜୟ ପାଢ଼ୀ,ଅବସରପ୍ରାପ୍ତ ଶିକ୍ଷକ ଅନନ୍ତ ବାରିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କିରଣ କୁମାର ମହାପାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ଅଭିରାମ ଲେଙ୍କା ମଞ୍ଚ ପରିଚାଳନା କରିଥିଲେ। ଆଇଇଭି ସରୋଜ ଦାସ ଶିବିର ପରିଚାଳନା କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ଶୁକଦେବ ମଲିକ ଧନ୍ୟବାଦ ଦେଇଥିଲେ।

ଉମରକୋଟ ଗୋଷ୍ଠୀ ସାଧନ କେନ୍ଦ୍ର ପକ୍ଷରୁ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳନ କରାଯାଇଛି। ଉମରକୋଟ ବ୍ଲକ ଅଧୀନ ସମସ୍ତ ସ୍କୁଲର ଦିବ୍ୟାଙ୍ଗ ଛାତ୍ରୀଛାତ୍ର, ଅଭିଭାବକ, ଗାଇଡ୍ ଶିକ୍ଷକ ତଥା ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଦିନ ତମାମ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ଭାଗନେଇଥିଲେ। ଉମରକୋଟ ବ୍ଲକ ଅଧ୍ୟକ୍ଷା, ଉମରକୋଟ ବିଡିଓ, ବିଇଓ ବିକାଶ ଚନ୍ଦ୍ର ସରକାର, ଏବିଇଓ ପୁରୁଷୋତ୍ତମ ମାଝି ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଛନ୍ତି। କାର୍ଯ୍ୟକ୍ରମକୁ ଉମରକୋଟର ସମସ୍ତ ଆଞ୍ଚଳିକ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଏବଂ ଗୋଷ୍ଠୀ ସମ୍ବଳ ଶିକ୍ଷକ ସଞ୍ଜୀବ କୁମାର ସାହୁ ସମ୍ପାଦନ କରିଥିଲେ।

## ବ୍ଲକ କୃଷକ ପରାମର୍ଶ କମିଟି ବୈଠକ

ଡାବୁଗାଁ, ୩।୧୨ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ କୃଷି, ସୂଚନା ଓ ପରାମର୍ଶ କେନ୍ଦ୍ରରେ ଆତ୍ମା ସଂଯୋଜକ ଦୁର୍ଯ୍ୟଧନ ଜାନୀ ଙ୍କ ଅଧ୍ୟକ୍ଷତାରେ ବ୍ଲକ କୃଷକ ପରାମର୍ଶ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗରେ ଥିବା ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ଏହି ବୈଠକରେ ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର କୁମାର ବିଶ୍ୱାସ, ସହକାରୀ ମତ୍ସ୍ୟ ଅଧିକାରୀ ଗିରିଜା ଶଙ୍କର ପଟ୍ଟନାୟକ, ସହକାରୀ ଉଦ୍ୟାନ ଅଧିକାରୀ ରବିଶଙ୍କର ପଣ୍ଡା, କୃଷି ଅଧିଦର୍ଶକ ମମତା ସାହୁ, ଗ୍ରାମ୍ୟ କୃଷି କର୍ମଚାରୀ ସୁଶାନ୍ତ କୁମାର ରାଉତ, ବିଟିଏମ୍ ସୁରେନ୍ଦ୍ର ସିଂ



କୌରବ, ଏଟିଏମ୍ କେ. ଉଦୟା କୁମାରୀ, ଆତ୍ମା କମିଟି ସଭ୍ୟ ସତ୍ୟରଞ୍ଜନ ପାତ୍ର, ଡି. ଚନ୍ଦ୍ର ଶେଖର ରାଓ, ଚନ୍ଦ୍ର ଶେଖର ନିହାଲ, ପ୍ରଜ୍ଞାରଞ୍ଜନ ପରିଡା ଉପସ୍ଥିତ ଥିଲେ।

## ୧୫ ଫୁଟିଆ ଅହିରାଜ ଉଦ୍ଧାର

ବୁଗୁଡା,୩।୧୨(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ କୁଆନଳା ଗ୍ରାମର ଜନବସତି ନିକଟବର୍ତ୍ତିରୁ ଏକ ୧୫ ଫୁଟିଆ ଅହିରାଜ ଶନିବାର ଅପରାହ୍ନରେ ଲୋକେ ଧାନ ଦେଖିଥିଲେ। ସେମାନେ ବନ ବିଭାଗକୁ ଖବର ଦେଇଥିଲେ। ବିଭାଗ କର୍ମଚାରୀ ଓ ସ୍ନେକ୍ କ୍ୟାଚର୍ ହରିଶ୍ ପାଢୀ ଘଟଣାସ୍ଥଳରେ ପହଞ୍ଚି କୌଶଳରେ ସାପଟିକୁ ଧରି ଜଙ୍ଗଲରେ ଛାଡ଼ି ଦେଇଥିଲେ।

# ବ୍ଲକର ଶ୍ରମିକଙ୍କୁ ନେଇ କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ



ତେନ୍ତୁଳିଖୁଣ୍ଟି ବ୍ଲକ ଲୋକ ପ୍ରତିନିଧି ଓ ଅଧିକାରୀଙ୍କ ସହ ଜିଲା ପରିଷଦ ନିର୍ବାହୀ ଅଧିକାରୀ।

ତେନ୍ତୁଳିଖୁଣ୍ଟି, ୩।୧୨(ଡି.ଏନ୍.ଏ.)

**ତେନ୍ତୁଳିଖୁଣ୍ଟିରେ ଉନ୍ନୟନ କାର୍ଯ୍ୟ ଦେଖିଲେ ଜିଲା ପରିଷଦ ନିର୍ବାହୀ ଅଧିକାରୀ**

ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅନ୍ୟା ଦାସ ଶନିବାର ତେନ୍ତୁଳିଖୁଣ୍ଟି ବ୍ଲକ ସଦର, ଦିଗି,ପୂଜାରୀଗୁଡା, ଅଞ୍ଚଳଗୁମ୍ମା ପାତ୍ରପୁଟ, କାମତା, କଂଗରା, କୁକୁଡ଼ାବାଇ ପଞ୍ଚାୟତ ଗସ୍ତ କରିଛନ୍ତି। ବ୍ଲକରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ହେଉଥିବା ଉନ୍ନତିମୂଳକ କାର୍ଯ୍ୟ, ମାଳିମୁଣ୍ଡାର ପୋଖରୀ ପୁନରୁଦ୍ଧାର, ପଙ୍କ ଉଦ୍ଧାର, ପୂଜାରୀଗୁଡା ହାଟ ପଦା ଉନ୍ନତିକରଣ କାମ, ମିନି ଖେଳ ପଡ଼ିଆ,ବାଉଣ୍ଡରୀ କାମ, କୁର୍ମାକୋଟରେ ହେଉଥିବା ନୂତନ ପୋଖରୀ ଖନନ କାମ ବୁଲି ଦେଖିଥିଲେ। ବ୍ଲକର ଶ୍ରମିକଙ୍କୁ କାମ ଦେବା ସହ ସେ ସବୁକୁ ଶୀଘ୍ର ସାରିବାକୁ ସେ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାମରେ ପ୍ରତିବନ୍ଧକ କରୁଥିବା ଲୋକଙ୍କ ବିରୋଧରେ କାର୍ଯାନୁଷ୍ଠାନ ନିଆଯିବ ବୋଲି ଅନ୍ୟା ଦାସ ଚେତାବନୀ ଦେଇଥିଲେ। ଏହି ଉନ୍ନୟନ କାର୍ଯ୍ୟ ଯାଞ୍ଚବେଳେ ତେନ୍ତୁଳିଖୁଣ୍ଟି ବିଡିଓ ଦୁର୍ଯ୍ୟୋଧନ ଭୋଇ, ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ, ସହକାରୀ ନିବାହୀ ଯନ୍ତ୍ରୀ, ଜିପିଓ, ଜିଆରଏସ୍, ସିପି, ସରପଞ୍ଚ ସମିତି ସଭ୍ୟ, ପିଇଓ, ପୂଜାରୀଗୁଡା ସରପଞ୍ଚ ଅନାଦି ପୂଜାରୀ, ଦିଗି ସରପଞ୍ଚ କିଶୋର ନାୟକ, କିଶୋର ସିଂହ, ଧରଣୀ ସିଂହ, ଟୁନା ଷଡ଼ଙ୍ଗୀ, ଭୀମ ପାଣିଗ୍ରାହୀ,ପୂର୍ବତନ ସରପଞ୍ଚ କଣ୍ଠୁମର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜ୍ଞାନମେଳା, ଭଲିବଲ ଖେଳରେ ଭାଗନେଲେ ଛାତ୍ରୀଛାତ୍ର

ଡାବୁଗାଁ, ୩।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜିଲା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ଭଲିବଲ ଚୟନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଡାବୁଗାଁ ତହସିଲଦାର କୃଷ୍ଣଚନ୍ଦ୍ର ଦାସ ଅତିଥିଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲାର ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ୪୦ ବିଦ୍ୟାଳୟରୁ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଜ୍ଞାନ ମେଳାରେ ୩୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏଥିରେ ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଦଳବେଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯୋଡିଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ, କର୍ଚ୍ଚାମାଳ, ବିଏସ୍‌ପଦର, ନିସନାହାଣ୍ଡି, କୋଡିଙ୍ଗା, ରାଇଘର, ଦଳେଇଗୁଡା ଉଚ୍ଚ ବିଦ୍ୟାଳୟର ୯ଟି ବିଜ୍ଞାନ ପ୍ରକଳ୍ପ ଚୟନ କରଯାଇଥିଲା। ଏହି ୯ ପ୍ରକଳ୍ପ ରବିବାର ଜୋନାଲସ୍ତରୀୟ ବିଜ୍ଞାନ ମେଳାରେ ପ୍ରଦର୍ଶିତ ହେବ। ସେହିପରି ବାଳକ ବିଭାଗ ଭଲିବଲ ପ୍ରତିଯୋଗିତାରେ ନିସନାହାଣ୍ଡି ଉଚ୍ଚ ବିଦ୍ୟାଳୟ ବିଜେତା ଓ ଭାମିନୀ ଉଚ୍ଚ ବିଦ୍ୟାଳୟ ଉପବିଜେତା ହୋଇଥିଲେ। ବାଳିକା ବିଭାଗରେ ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଜେତା ଓ ଯୋଡିଙ୍ଗା ବାଳିକା ଉଚ୍ଚ ବିଦ୍ୟାଳୟ ଉପବିଜେତା ହୋଇଥିବାବେଳେ ଗରୁଡଗୁଡା ଆଶ୍ରମ ବିଦ୍ୟାଳୟ ଛାତ୍ରମାନଙ୍କୁ ଭଲ ଖେଳିଥିବାରୁ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯାଇଥିଲା। ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଡାବୁଗାଁ ବିଡିଓ ଶରତ ମାଝି, ସମ୍ମାନିତ ଅତିଥିଭାବେ ଶିକ୍ଷକ ତ୍ରିପତି ମାଳୀ, ହୃଷୀକେଶ ସାହୁ, ସତ୍ୟ ପାତ୍ର, ସାଧୁରାମ ଭତ୍ରା, ରଞ୍ଜନ କୁମାର ବେହେରା, ସନ୍ତୋଷ କୁମାର ଷଡଙ୍ଗୀ, କାଳିକିଙ୍କର ପଟ୍ଟନାୟକ ଓ ଶୁଭେନ୍ଦୁ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ମନୋଜ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ।



ବାଳିକା ବିଭାଗ ଭଲିବଲ୍‌ରେ ଭାଗ ନେଇଥିବା ଏକ ଟିମ୍‌ର ଖେଳାଳିଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ଗଣଶିକ୍ଷକ, ଏକ୍ସ-କ୍ୟାଡର ଶିକ୍ଷକ ସଂଘର ଆନ୍ଦୋଳନ

ନବରଙ୍ଗପୁର/ଉମରକୋଟ/ଝରିଗାଁ/ତେନ୍ତୁଳିଖୁଣ୍ଟି/ନନ୍ଦାହାଣ୍ଡି/କୋଷାଗୁମୁଡ଼ା/ଡାବୁଗାଁ/ପାପଡ଼ାହାଣ୍ଡି, ୩।୧୨(ବି.ପ୍ର./ସ୍ୱ.ପ୍ର./ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଅନ୍ତର୍ଗତ ସମସ୍ତ ବ୍ଲକରେ ଗଣଶିକ୍ଷକ ଏବଂ ପ୍ରାଥମିକ ଶିକ୍ଷକ (ଏକ୍ସ-କ୍ୟାଡର) ସଂଘ ବିଭିନ୍ନ ଦାବିରେ ଆନ୍ଦୋଳନ କରିଛନ୍ତି। ସେମାନେ ଶୋଭାଯାତ୍ରାରେ ଯାଇ ବିଇଓମାନଙ୍କୁ ୮ ଦଫା ସମ୍ବଳିତ ଦାବିପତ୍ର ଦେଇଛନ୍ତି। ଗଣଶିକ୍ଷକମାନଙ୍କୁ ନିୟମିତ କରିବା, ସମସ୍ତ ଏକ୍ସ-କ୍ୟାଡର ଶିକ୍ଷକଙ୍କୁ ୨୦୨୦ ମାର୍ଚ୍ଚ ପହିଲାରୁ ବନ୍ଦ ରହିଥିବା ଇନକ୍ରିମେଣ୍ଟ ପ୍ରଦାନ, ଏକ୍ସ-କ୍ୟାଡର ଶିକ୍ଷକଙ୍କୁ ସମଗ୍ର ଶିକ୍ଷା ଅଭିଯାନରେ ସାମିଲ କରାଯାଇ ଡେପୁଟେଶନ ବାତିଲ କରି ଏକ୍ସ-କ୍ୟାଡର ବ୍ୟବସ୍ଥା ଉଚ୍ଛେଦ, ସେହିପରି ଅର୍ଥ ବିଭାଗର ସର୍କୁଲାର ଅନୁଯାୟୀ ଏକ୍ସ-କ୍ୟାଡର ସମସ୍ତ ଶିକ୍ଷକଙ୍କ ଦରମା ଟ୍ରେଜେରି ମାଧ୍ୟମରେ ପ୍ରଦାନ, ଅବସରପ୍ରାପ୍ତ କିମ୍ବା ମୃତ ଏକ୍ସ-କ୍ୟାଡର ଶିକ୍ଷକଙ୍କୁ ଗ୍ରାଚ୍ୟୁଟି, ଡେଥ୍ ଗ୍ରାଚୁଟି, ସିଆରସିସି ଚୟନ ପ୍ରକ୍ରିୟାରେ ସାମିଲ କରି ଭିଜନ ଟେଷ୍ଟ ପାଇଁ ସୁଯୋଗ ଦେବାକୁ ଦାବି ହୋଇଛି।

ରାଜା ଚୈତନ୍ୟ ଦେବ ନୋଡାଲ ହାଇସ୍କୁଲ ନିକଟରୁ ଏକ ଶୋଭାଯାତ୍ରାରେ ରାଜ୍ୟ ପ୍ରାଥମିକ ଶିକ୍ଷକ(ଏକ୍ସ କ୍ୟାଡର)ମହାସଂଘ ଜିଲା ସଙ୍ଗଠନ ସଦସ୍ୟମାନେ ଯାଇ ନବରଙ୍ଗପୁର ବିଇଓ ରମେଶ ଚନ୍ଦ୍ର ରାଏଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।




ଉମରକୋଟ ଏବିଇଓ ପୁରୁଷୋତ୍ତମ ମାଝି ଦାବିପତ୍ର ଗ୍ରହଣ କରୁଛନ୍ତି।

ଉମରକୋଟ ନୂଆ ବସ୍‌ଷ୍ଟାଣ୍ଡରୁ ବ୍ଲକ ସଂଘର ପ୍ରାୟ ୨ଶହ ସଦସ୍ୟ ଶୋଭାଯାତ୍ରାରେ ଯାଇ ଏବିଇଓ ପୁରୁଷୋତ୍ତମ ମାଝିଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଏହି ସମୟରେ ଉମରକୋଟ ସଂଘର ସଭାପତି, ସମ୍ପାଦକ ଉପସ୍ଥିତ ଥିଲେ।

ଝରିଗାଁ ବ୍ଲକ ଶାଖା ସଭାପତି ମୁରଲୀଧର ନାୟକଙ୍କ ନେତୃତ୍ୱରେ ଶିକ୍ଷକମାନେ ଶୋଭାଯାତ୍ରାରେ ଯାଇ ଏବିଇଓ ଦଶରଥ ଗଣ୍ଡଙ୍କୁ ଦାବିପତ୍ର ଦେଇଛନ୍ତି। ଏହି ଅବସରରେ ବ୍ଲକ ଗଣଶିକ୍ଷକ/ପ୍ରାଥମିକ ଶିକ୍ଷକ ମହାସଂଘର ସମ୍ପାଦକ ଲଛମନ ପନକା, ରଞ୍ଜିତ ଜେନା, ନବଘନ ଗୌଡ଼, ଲକ୍ଷ୍ମୀଧର ପନକା, ନମିତା ପଟ୍ଟନାୟକ, ମାର୍କଣ୍ଡ ମାଳି, ସୁଧାଂଶୁ ତ୍ରିପାଠୀ, ହରିହର ଦୁର୍ଗା, ଆର୍ତ୍ତତ୍ରାଣ ବେହେରା, ସନ୍ତୋଷିନୀ ମଲ୍ଲିକ, ସ୍ମୃତିପ୍ରଭା ବେହେରା ପ୍ରମୁଖ ଉପସ୍ଥିତ ଥିଲେ

ସଂଘର ତେନ୍ତୁଳିଖୁଣ୍ଟି ବ୍ଲକ ଶାଖା ସଦସ୍ୟ ବିଇଓ ସୌମେନ୍ଦ୍ର ଭୌମିକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସଭାପତି ପଙ୍କଜ କର୍କରାଙ୍କ ସମେତ ୯୦ରୁ ଉର୍ଦ୍ଧ୍ୱ ଏକ୍ସ କ୍ୟାଡର ଶିକ୍ଷକ ସାମିଲ ଥିଲେ।

ନନ୍ଦାହାଣ୍ଡି ବ୍ଲକ ସଂଘ ସଦସ୍ୟମାନେ ନିଜ ଦାବିପତ୍ର ଏବିଇଓ ହରିହର ବେହେରାଙ୍କୁ ପ୍ରଦାନ କରିଛନ୍ତି। ୨୭ ତାରିଖ ସୁଦ୍ଧା ଦାବିପୂରଣ ନ ହେଲେ ରାଜ୍ୟ ସଂଘ ପକ୍ଷରୁ ଭୁବନେଶ୍ୱରରେ ଆନ୍ଦୋଳନ ହେବ ବୋଲି ସଂଘ ସଭାପତି ବନମାଳୀ ମହାକୁଡ ସୂଚନା ଦେଇଛନ୍ତି।

କୋଷାଗୁମୁଡ଼ା ବ୍ଲକ ସଂଘ ସଦସ୍ୟମାନେ ଟିଓଏମ୍‌ଇ ବିଦ୍ୟାଳୟରୁ ପ୍ଲା କାର୍ଡ ଧରି ନାରାବାଜି କରି ବିଇଓ ଅଫିସ ନିକଟରେ ପହଞ୍ଚି ଥିଲେ। ସେମାନେ ନିଜ ଦାବିପତ୍ର ବିଇଓ ସୁବାସ ଚନ୍ଦ୍ର ରାୟଙ୍କୁ ପ୍ରଦାନ କରିଛନ୍ତି। ସଂଘର ବ୍ଲକ ସଭାପତି ଅବଦୁଲ ଜଲିଲ ଖାନ, ଉପସଭାପତି ଚିତ୍ତରଞ୍ଜନ ଗିଲାସ, ମୋହନ ମାଝି, ଧନିରାମ ହରିଜନ, ବଳି ପୂଜାରୀ, ସମ୍ପାଦକ କେଶବ ହାଲ୍‌ବା ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

ଡାବୁଗାଁ ବ୍ଲକ ସଂଘ ସଦସ୍ୟମାନେ ଡାବୁଗାଁ ଭୈରବ ମନ୍ଦିର ପ୍ରାଙ୍ଗଣରୁ ଏକ ଶୋଭାଯାତ୍ରାରେ ଯାଇ ବିଇଓ ଶିବଶଙ୍କର ମଣ୍ଡଳଙ୍କୁ ଦାବିପତ୍ର ଦେଇଛନ୍ତି। ସଂଘ ସଭାପତି ବଲ୍ଲଭ ନାରାୟଣ ପଣ୍ଡା, ଉପସଭାପତି ନରସିଂ ମାଝି, ସମ୍ପାଦକ ଜିତେନ୍ଦ୍ର ମାଝି, କୋଷାଧ୍ୟକ୍ଷ ପ୍ରଦୀପ ପାଢୀ, ରାଜ୍ୟ ସଂଘ ସଚିବ ହାନେସ ପାତ୍ର ବାଗ, ଦୂର୍ଗା ରଥ, ରବୀନ୍ଦ୍ର ପ୍ରଧାନ, ବିଶ୍ୱଶେ ତ୍ରିପାଠୀ, ବ୍ଲକ ମିଳିତ ସଂଘ ସଭାପତି ବିକାଶ ରଞ୍ଜନ ନିଶଙ୍କ, ସୁରେଶ ବେହେରା, ରାଇସିଂ ପୂଜାରୀ, କର୍ଣ୍ଣ ମାଝି, ସୌଭାଗ୍ୟ ବିଶ୍ୱାଳ ଓ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସମେତ ମୋଟ ୭୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

ପାପଡାହାଣ୍ଡି ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ବ୍ଲକ ସଂଘ ସଦସ୍ୟମାନେ ଶୋଭାଯାତ୍ରାରେ ଯାଇ ବିଇଓ ବିରେନ୍ଦ୍ର କୁମାର ପାଢ଼ୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ସଂଘ ସଭାପତି ମେଘାସ୍ଥିନ ଜାଲ, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସୁବାଷ ଘଣ୍ଟ, ସୁବାଷ ଚର୍ଚ୍ଚି, ସମ୍ପାଦକ ବସନ୍ତ ନାୟକ, ଜିଲା ସମ୍ପାଦକ ଦିଲୀପ ସ୍ୱାଇଁଙ୍କ ସହ ସଂଘର ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମଣ୍ଡପରେ ପୂଜା ପାଉଛନ୍ତି ମାଁ ଧନଲକ୍ଷ୍ମୀ

ବିଷମକଟକ,୩।୧୨(ଡି.ଏନ୍.ଏ.)- ବିଷମକଟକ ବ୍ଲକ ସଦର ଠାରେ ମାର୍ଗଶିର ମାସ ଚତୁର୍ଥ ଗୁରୁବାର ଠାରୁ ମାଁ ଧନଲକ୍ଷ୍ମୀଙ୍କ ପୂଜା ମାଁଙ୍କ ଅସ୍ଥାୟୀ ମଣ୍ଡପରେ ଆରମ୍ଭ ହୋଇଛି। ପ୍ରଥମ ଦିନରେ ପୁରୋହିତ ମାନେ ମୃଣ୍ମୟୀ ପ୍ରତିମାଙ୍କ ପ୍ରାଣ ପ୍ରତିଷ୍ଠା, ହୋମ, ଯଜ୍ଞ ଆଦି କାର୍ଯ୍ୟ ସମାପନ କରି ମଧାହ୍ନରେ ପୁଷ୍ପାଞ୍ଜଳି ସମାପନ କରିଛନ୍ତି। ଏହି ଅବସରରେ ବିଷମକଟକ ର ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ମାଁଙ୍କ ଦର୍ଶନ କରି ଆଶୀର୍ବାଦ ନେଉଛନ୍ତି। ପୂଜା ୯ ଦିନ ଧରି ଚାଲିବ। ମାଁଙ୍କ ପୂଜା ମଣ୍ଡପକୁ ସୁନ୍ଦର ତୋରଣ ସାଙ୍ଗକୁ ରଙ୍ଗ ବେରଙ୍ଗ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଛି। ପୂଜା କର୍ମକାଣ୍ଡ ବିଷମକଟକର ପୁରୋହିତ ରାମଚନ୍ଦ୍ର ରଥ, କେଶବ ରଥ, ସପନ କୁମାର ରଥ ପରିଚାଳନା କରୁଛନ୍ତି। ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ନିମନ୍ତେ ପୂଜା କମିଟି ପକ୍ଷରୁ ତୃତୀୟ ଦିବସରୁ ସଂସ୍କୃତିକ କାର୍ଯକ୍ରମର ଆୟୋଜନ କରାଯାଇଛି। ଶାନ୍ତିଶୃଙ୍ଖଳା ନିମନ୍ତେ ବିଷମକଟକ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶ୍ରଦ୍ଧାଳୁ କିପରି ସୁରକ୍ଷିତ ଭାବେ ପୂଜା ମଣ୍ଡପ ବୁଲିବେ ଏବଂ ଶୃଙ୍ଖଳିତ ଦର୍ଶନ କରିବେ ସେଥିନେଇ କମିଟି ପକ୍ଷରୁ ସମସ୍ତ ସୁବିଧା କରାଯାଇଛି। କମିଟିରେ ସଭାପତି ଦିଲୀପ ମହାରଣା, ସମ୍ପାଦକ ପୃଥ୍ୱୀରାଜ ସାହୁ, ସହ ସମ୍ପାଦକ କୁଞ୍ଜ ରାଉତ, ଉପସଭାପତି ମନୋଜ ପ୍ରଧାନ, ଅଶ୍ୱିନୀ ରାଉତ, ଶଶାଙ୍କ ଶେଖର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ ପୂଜା ଅନୁଷ୍ଠିତ ହେଉଛି।

### ନିଆଁ ଲାଗି ଜଳିଗଲା ହୋଟେଲ



ପାପଡାହାଣ୍ଡି,୩।୧୨(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଜଟାବାଲଠାରେ ବିଳମ୍ବିତ ରାତ୍ରରେ ନିଆଁ ଲାଗି ଏକ ହୋଟେଲ ସମ୍ପୂର୍ଣ ଭାବେ ପୋଡି ନଷ୍ଟ ହୋଇଯାଇଛି । ହୋଟେଲଟି ଗ୍ରାମର ବାବୁଲା ସିଂଙ୍କର ବୋଲି ଜଣାପଡିଛି। ବିଳମ୍ବିତ ରାତିରେ ହୋଟେଲରେ ନିଆଁ ଲାଗି ନିକଟରେ ଥିବା ଗ୍ୟାସ ହାଣ୍ଡି ଫାଟିଯାଇଥିଲା। ଫଳରେ ନିଆଁ ଜୋରରେ ବ୍ୟାପିଥିଲା। ଖବର ପାଇ ପାପଡାହାଣ୍ଡି ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲେ। ତେବେ ସର୍ଟସର୍କିଟରୁ ନିଆଁ ଲାଗିଥିବା ଜଣାପଡିଛି। ନିଆଁ ଯୋଗୁ ହୋଟେଲର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ିଯାଇଛି।

### ଭିନ୍ନକ୍ଷମଙ୍କ ସାମ୍ବିଧାନିକ ଅଧିକାର ନେଇ ସଚେତନତା

ରାୟଗଡ଼ା ଅଫିସ,୩।୧୨-ରାୟଗଡ଼ା ଜିଲା ଆଇନସେବା ପ୍ରାଧିକରଣ(ଡିଏଲ୍ଏସ୍ଏ)ପକ୍ଷରୁ କୋଟାପେଟା ପଞ୍ଚାୟତ ଅଫିସରେ ଭିନ୍ନକ୍ଷମ ଦିବସ ଶନିବାର ପାଳିତ ହୋଇଯାଇଛି। ପ୍ରାଧିକରଣର ସମ୍ପାଦିକା ନିବେଦିତା ପଣ୍ଡା ଏଥିରେ ଅଧକ୍ଷତା କରିଥିଲେ। ଅନ୍ୟ ପ୍ରମୁଖ ଅତିଥିଙ୍କ ମଧରେ ଓକିଲ ସାମୁଏଲ ତାଣ୍ଡି, ଜିଲା ମୁଖ୍ୟ ଚିକିତ୍ସାଳୟର ଡା. ଭି. ଲୋକନାଥ ରାଜୁ, କୋଟାପେଟା ପଞ୍ଚାୟତର ସରପଞ୍ଚ, ପିଇଓ, ପଞ୍ଚାୟତର ସମିତି ସଦସ୍ୟ ଓ ପରା ଲିଗାଲ ଭଲ୍ୟୁଣ୍ଟିୟର୍ସ ଜଗନ୍ନାଥ ମାଣ୍ଡାଗି ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ନିଜ ଅଭିଭାଷଣରେ ଭିନ୍ନକ୍ଷମ ମାନଙ୍କର ସାମ୍ବିଧାନିକ ଅଧିକାର ଓ ସରକାରଙ୍କ ତରଫରୁ ସେମାନଙ୍କ ପାଇଁ ଉପଲବ୍ଧ ଥିବା ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଡିଏଲ୍ଏସ୍ଏର ସମ୍ପାଦିକା ନିବେଦିତା ପଣ୍ଡା ଭିନ୍ନକ୍ଷମ ମାନଙ୍କ ପାଇଁ ରହିଥିବା ଇନ୍ଦିରାଗାନ୍ଧୀ ପେନସନ ଯୋଜନା ଓ ମଧୁବାବୁ ପେନସନ ଯୋଜନା ବିଷୟରେ ସଚେତନ କରିବା ସହ ଉଚ୍ଚତମ ନ୍ୟାୟାଳୟର ବିଭିନ୍ନ ରାୟ ଉପରେ ଆଲୋଚନା କରିଥିଲେ।

# ୩ ବର୍ଷ ପରେ ବି ଏସ୍‌ଏଚ୍‌ଜିଙ୍କୁ ମିଳିନି ମଧ୍ୟାହ୍ନଭୋଜନ ଦାୟିତ୍ୱ

**ରାୟଗଡ଼ା ଅଫିସ,୩।୧୨**

- ରାୟଗଡ଼ା ଜିଲାରେ ସରକାରୀ ନିର୍ଦ୍ଦେଶକୁ ଅଣଦେଖା
- ଡିଇଓଙ୍କ ପାଖରେ ନାହିଁ ତଥ୍ୟ

ରାୟଗଡ଼ା ଜିଲା ଶିକ୍ଷା ବିଭାଗ ସରକାରୀ ନିର୍ଦ୍ଦେଶନାମାକୁ ଅଣଦେଖା କରାଯାଉଛି। ବିଭାଗୀୟ ଅଧିକାରୀ ନିଜ ଦାୟତ୍ୱ ଠିକ୍‌ରେ ତୁଲାଉ ନ ଥିବା ଅଭିଯୋଗ ହେଉଛି। ଜିଲାର ସମସ୍ତ ୧୮୧୫ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଥିବାବେଳେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଥିବା ସ୍କୁଲରେ ମଧାହ୍ନ ଭୋଜନ ପରିଚାଳନା ଦାୟିତ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି)କୁ ପ୍ରଦାନ କରିବା ପାଇଁ ସରକାର ଚିଠି ସଂଖ୍ୟା ୯୭୪୯/୧୧.୧୨.୨୦୧୯ ଅନୁଯାୟୀ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ରହିଥିଲା। ଜିଲାରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ରହିଥିବା ୩୭୧ ସ୍କୁଲ ମଧ୍ୟରୁ ୨୫୨ ବିଦ୍ୟାଳୟ ପାଇଁ ଏସ୍ଏଚ୍‌ଜି ଚୟନ କରି ଜିଲା ସମାଜ ମଙ୍ଗଳ ଅଧିକାରୀ ଶିକ୍ଷା ବିଭାଗକୁ ଅବଗତ କରାଇଥିଲେ। ହେଲେ ପ୍ରକୃତରେ ଜିଲାରେ କେତୋଟି ବିଦ୍ୟାଳୟରେ ଏସ୍ଏଚ୍‌ଜି ପରିଚାଳନା ଦାୟିତ୍ୱ ନେଇ କାମ କରୁଛି ତାହାର ତଥ୍ୟ ଡିଇଓଙ୍କ ନିକଟରେ ନାହିଁ। ଫଳରେ ବଳକା ବିଦ୍ୟାଳୟ ଗୁଡ଼ିକ ପାଇଁ ମଧ ଏସ୍ଏଚ୍‌ଜି ଚୟନ ଏ ପର୍ଯ୍ୟନ୍ତ ହୋଇପାରି ନ ଥିବା ଜଣାପଡ଼ିଛି।

ରାଜ୍ୟ ସରକାର ୨୦୧୯ରେ ବିଦ୍ୟାଳୟ ମଧାହ୍ନ ଭୋଜନ କାର୍ଯ୍ୟକ୍ରମ ପରିଚାଳନା ପାଇଁ ମହିଳା ଏସ୍ଏଚ୍‌ଜିକୁ ଦାୟିତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ନିଜେ ଏହି ଦାୟିତ୍ୱ ତୁଲାଉଛନ୍ତି । ଶିକ୍ଷୟିତ୍ରୀ ଶିକ୍ଷକ ଅନ୍ୟ ଦାୟିତ୍ୱରୁ ମୁକ୍ତ ହେଲେ ପିଲାଙ୍କୁ ଶିକ୍ଷାଦାନରେ ମନୋନିବେଶ କରିପାରିବେ। ଏହାକୁ ଦୃଷ୍ଟିରେ ରଖି ସରକାର ଏହି ନିର୍ଦ୍ଦେଶନାମା ଜାରି କରିଥିଲେ। ଏହାପରେ ରାଜ୍ୟର ବିଭିନ୍ନ ଜିଲାରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଥିଲା। ହେଲେ ରାୟଗଡ଼ା ଜିଲାରେ ଏଥିରେ ଅବହେଳାକୁ ନେଇ ପ୍ରଶ୍ନ ଉଠିଛି। ଜିଲାର କେତୋଟି ବିଦ୍ୟାଳୟର ଦାୟିତ୍ୱ ଏସ୍ଏଚ୍‌ଜିକୁ ଦିଆଯାଇଛି ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରୁନି। ଜିଲା ଶିକ୍ଷା ବିଭାଗର ଏ ଦିଗରେ ଆନ୍ତରିକତା ନ ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ମଧାହ୍ନ ଭୋଜନରେ ଚାଲିଥିବ ଦୁର୍ନୀତି ପଦାରେ ପଡ଼ିବା ଭୟରେ ଏସ୍ଏଚ୍‌ଜିଙ୍କୁ ଦାୟିତ୍ୱ ଦିଆଯାଉ ନ ଥିବା ଏସ୍ଏଚ୍‌ଜି ମହିଳା ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ସିଡିପିଓମାନେ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର କହିଥିଲେ ମଧ ସୁଫଳ ମିଳୁ ନ ଥିବା ସେମାନେ କହିଛନ୍ତି। ସୂଚନାଯୋଗ୍ୟ, କରୋନା ଯୋଗୁ ବିଦ୍ୟାଳୟଗୁଡ଼ିକ ବନ୍ଦ ରହିଥିଲା। ୨୦୨୦ ଏବଂ ୨୦୨୧ ରେ ଏସ୍ଏଚ୍‌ଜି ଚୟନ ହୋଇପାରି ନ ଥିଲା। ତେବେ ପୂର୍ବରୁ ଯେଉଁ ଗୋଷ୍ଠୀଙ୍କ ଚୟନ ସରିଛିସେମାନଙ୍କ ସହ ଚୁକ୍ତିନାମା କରି କାର୍ଯ୍ୟ ଆରମ୍ଭ କାହିଁକି କରାଯାଉନାହିଁ ବୋଲି ପ୍ରଶ୍ନ ଉଠିଛି। ଏସ୍ଏଚ୍‌ଜିଙ୍କୁ ମଧାହ୍ନ ଭୋଜନ ପରିଚାଳନା ଦାୟିତ୍ୱ ପ୍ରଦାନ ବିଷୟରେ ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ପଚାରିବାରୁ ସେ କହିଛନ୍ତି, ବିଦ୍ୟାଳୟ ଗୁଡ଼ିକୁ ତଥ୍ୟ ମଗାଯାଇଛି। ସମସ୍ତ ସ୍କୁଲରୁ ତଥ୍ୟ ମିଳିଲେ କେତୋଟି ସ୍କୁଲରେ ଏସ୍ଏଚ୍‌ଜି କାର୍ଯ୍ୟ କରୁଛନ୍ତି ତାହା ସ୍ପଷ୍ଟ ହେବ ବୋଲି ବରିହା କହିଛନ୍ତି।

# ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଜିଆଇଇଟି ପୁରସ୍କୃତ




ଜିଆଇଇଟିର ରେଜିଷ୍ଟ୍ରାର ଏନ୍.ଭି.ଜେ. ରାଓ ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଗୁଣପୁର,୩।୧୨(ଡି.ଏନ୍.ଏ.)**

ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଗୁଣପୁର ସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟ ଷ୍ଟାର୍ଟ ଅପ୍ ବୁଟ୍ କ୍ୟାମ୍ପ କାର୍ଯ୍ୟକ୍ରମ ପାଇଁ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସଂଶିତ ହେବା ସହ ପୁରସ୍କୃତ ହୋଇଛି। ଭୁବନେଶ୍ୱରଠାରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ଷୁଦ୍ର, ଲଘୁ ଏବଂ ମଧମ ଉଦ୍ୟୋଗ ବିଭାଗୀୟ ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ଠାରୁ ବିଶ୍ୱବିଦ୍ୟାଳୟରର ରେଜିଷ୍ଟ୍ରାର ଏନ୍.ଭି.ଜେ. ରାଓ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି।

ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରାୟ ଦଶ ହଜାର ଛାତ୍ରୀଛାତ୍ର ଷ୍ଟାର୍ଟ ଅପ୍ ଓଡ଼ିଶା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସେମାନଙ୍କର ନୂତନ ଚିନ୍ତାଧାରା ପ୍ରୟୋଗ କରି ବିଭିନ୍ନ ସମସ୍ୟାର ସମାଧାନର ପନ୍ଥା ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଆଇଇଟିର ଦୁଇ ପିଲା ଯଥା କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂରୁ ଅଙ୍କିତ କୃଷ୍ଣ ଏବଂ ବାୟୋଟେକ୍ନୋଲୋଜି ବିଭାଗରୁ ମାଳତି ହେମ୍ବ୍ରମ ଭାଗନେଇ ଶ୍ରେଷ୍ଠ ୧୦ ଜଣଙ୍କ ମଧରେ ସ୍ଥାନିତ ହୋଇଥିଲେ। ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପିଲାଙ୍କ ଏହି ସଫଳତା ପାଇଁ ବିଶ୍ୱବିଦ୍ୟାଳୟର ସଭାପତି ସତ୍ୟପ୍ରକାଶ ପଣ୍ଡା, ଉପସଭାପତି ଚନ୍ଦ୍ରଧ୍ୱଜ ପଣ୍ଡା, ମହାନିର୍ଦ୍ଦେଶକ ଜଗଦୀଶ ପଣ୍ଡା, କୁଳପତି ଗୌତମ ଘୋଷ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଏବଂ ଶୁଭକାମନା ଜଣାଇଛନ୍ତି। ବିଶ୍ୱବିଦ୍ୟାଳୟ ଅଟଳ କମ୍ୟୁନିଟି ଇନୋଭେସନ ସେଣ୍ଟରର କାର୍ଯ୍ୟନିର୍ବାହୀ ଅଧିକାରୀ ସୁନିଲ ଏମ୍ ପୁନିତ, ଇଡିପି ସେଲ୍‌ର ଆବାହକ ପ୍ରଫେସର ରାଧାନାଥ ପାତ୍ର ଏବଂ ପ୍ରଫେସର ରାକେଶ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଦାବିପତ୍ର ଦେଲେ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ




ରାୟଗଡ଼ା ଜିଲା ବିଷମକଟକ ଓ ଜେମାଦେଇପେଣ୍ଠଠାରେ ସ୍ୱାସ୍ଥ୍ୟକର୍ମୀମାନେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

**ବିଷମକଟକ(ଡି.ଏନ୍.ଏ.)/ ରାୟଗଡ଼ା ଅଫିସ, ୩।୧୨**

ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହେଉଛି। ନଭେମ୍ବର ୧୯ରୁ ଆଶାକର୍ମୀ କାର୍ଯ୍ୟବନ୍ଦ ଆନ୍ଦୋଳନରେ ବସିଥିବାବେଳେ ଶନିବାର ଆଉ କିଛି ସମସ୍ୟାକୁ ନେଇ ସ୍ୱାସ୍ଥ୍ୟକର୍ମୀ ମାନେ ୭ ରୁ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ପୁରୁଷ ଓ ମହିଳା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟ ପରିଦର୍ଶକ ମିଳିତ ମହାସଂଘ ପକ୍ଷରୁ ଶନିବାର ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁଦାବିପତ୍ର ପ୍ରଦାନ କରାଯାଇଛି। ୧୪ ରୁ ୨୧ ପର୍ଯ୍ୟନ୍ତ କ୍ଷେତ୍ରୀୟ ସ୍ତରରେ କାର୍ଯ୍ୟ ଚାଲୁ ରଖିବେ ଏବଂ ରିପୋର୍ଟ ପ୍ରଦାନ ବନ୍ଦ କରିବେ ବୋଲି ଚେତାବନି ଦେଇଛନ୍ତି। ଏହାପରେ ମଧ ଦାବି ନ ମାନିଲେ ୨୨ ରୁ ସିରିଞ୍ଜି ତଥା କଲମ ଛାଡ଼ ଆନ୍ଦୋଳନ କରିବେ ବୋଲି ଚେତାବନି ଦେଇଛନ୍ତି।

ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୨୧ ଉପ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବାବେଳେ ଏହି ସମସ୍ତ କେନ୍ଦ୍ର ଅଧୀନରେ ପ୍ରାୟ ୫୨ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ଅଛନ୍ତି। ସେଥିମଧ୍ୟରୁ ୩୬ ମହିଳା ଏବଂ ୧୬ ପୁରୁଷ ସ୍ୱାସ୍ଥ୍ୟକର୍ମୀ କାର୍ଯ୍ୟ କରି ଆସୁଛନ୍ତି। ସେହିପରି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ତୃଣମୂଳ ସ୍ତରରେ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଓ ପରିଦର୍ଶକ ନିୟୋଜିତ ଅଛନ୍ତି। ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କ କ୍ୟାଡର ପୁର୍ନଗଠନ, ୨୦୦୪ ରୁ ୨୦୧୩ ମଧରେ ଠିକା ଚାକିରି କରୁଥିବା ସ୍ୱାସ୍ଥ୍ୟକର୍ମୀଙ୍କ କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରି ୬ ନୋଡାଲ ଇନ୍‌କ୍ରିମେଣ୍ଟ ପ୍ରଦାନ, ସ୍ୱାସ୍ଥ୍ୟକର୍ମୀ ଓ ସସ୍ୱାସ୍ଥ୍ୟ ପରିଦର୍ଶକ ପଦବୀର ନାମ ପରିବର୍ତ୍ତନ କରିବା, ପୋଷାକ ଭତ୍ତା ଆକାରରେ ବାର୍ଷିକ ୫ହଜାର ପ୍ରଦାନ ଏଭଳି ୫ ଦଫା ଦାବି ନେଇ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଶିବ ପ୍ରସାଦ ମହାନ୍ତି, ଦେବକି ରାଉତ, ବ୍ରଜେଶ୍ୱରୀ ଖଡ଼ଙ୍ଗା, ମନଜା ମଞ୍ଜରୀ ଦାସ, ଦୀପକ କୁମାର ପଟ୍ଟନାୟକଙ୍କ ସମେତ ଅନେକ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।

ସେହିପରି ରାୟଗଡ଼ା ବ୍ଲକ ଜେମାଦେଇପେଣ୍ଠ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ମହାସଂଘ ପକ୍ଷରୁ ସମାନ ଦାବି ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କରୋନା ସମୟରେ ଜୀବନକୁ ବାଜି ଲଗାଇ ଲୋକଙ୍କ ସେବା କରିଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନବେଳେ ସଂଘର ଅଧକ୍ଷ ସୁରେଶ ମହାନ୍ତି, ସଭାପତି ନିରଞ୍ଜନ ନାଏକ, ସମ୍ପାଦିକା ମଞ୍ଜୁବାଳାଙ୍କ ସମେତ ସିଏଚ୍‌ସିର ସମସ୍ତ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।

### ସଡ଼କ ସୁରକ୍ଷା ବାର୍ତ୍ତା ଦେଲେ ଡ୍ରାଇଭର

**ମୁନିଗୁଡ଼ା,୩।୧୨(ଡି.ଏନ୍.ଏ.)**

ସଡ଼କ ଦୁର୍ଘଟଣାରେ ଶତାଧିକ ଲୋକଙ୍କ ଜୀବନ ଏବଂ ସମ୍ପତ୍ତି ନଷ୍ଟ ହେଉଛି। ଏହାକୁ ଉପଲବ୍ଧି କରିଛନ୍ତି ସଚେତନ ଡ୍ରାଇଭରମାନେ। କୁଟ୍ରାଗଡ ଡ୍ରାଇଭର ସଂଘ ଆନୁକୁଲ୍ୟରେ ମୁନିଗୁଡ଼ା, ବିଷମକଟକ, ଚନ୍ଦ୍ରପୁରର ସମେତ ୫ ବ୍ଲକରୁ ୬ଶହରୁ ଡ୍ରାଇଭର ମାଁ ମାଣିକେଶରୀ ମନ୍ଦିର ପ୍ରାଙ୍ଗଣରୁ ମାଁ ମାଣିକେଶରୀ ବିଦ୍ୟାପୀଠ ନିକଟ ଆମ୍ବତୋଟା ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରାରେ ବାହାରିଥିଲେ। ପରେ ଆମ୍ବତୋଟା ପରିସରରେ ସଚେତନତା ବୈଠକ ହୋଇଥିଲା। ସଂଘର ସଭାପତି ସମ୍ପୁରୁ କୁସୁଲିଆ ଓ ସମ୍ପାଦକ ଝସକେତନ ପିଡ଼ିକାକାଙ୍କ ମିଳିତ ସଂଯୋଜନାରେ କାର୍ଯ୍ୟକର୍ମ ହୋଇଥିଲା।



ମୁଖ୍ୟ ଅତିଥିଭାବେ ରାୟଗଡ଼ା ଜିଲା ସଂଘର ଆଡମିନ୍ କାହ୍ନୁ ଗୌଡ଼, ସମ୍ମାନିତ ଅତିଥିଭାବେ ସଭାପତି ଜିତେନ୍ଦ୍ର ନାୟକ, ବିଷମକଟକ ବ୍ଲକ ଡ୍ରାଇଭର ସଂଘର ସଭାପତି ସୁଧୀର କୁମାର ପଣ୍ଡା, ସମ୍ପାଦକ ସାମିଦ୍ରି ଉଲାକା, ମୁନିଗୁଡ଼ା ଡ୍ରାଇଭର ସଂଘର ସମ୍ପାଦକ ଶଙ୍କର ଗୁଡୁମ୍ବାକା, ସମ୍ପାଦକ ଲୋକନାଥ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସମସ୍ତ ଡ୍ରାଇଭର ଏକତ୍ରିତ ହୋଇ 'ସଡକ ସୁରକ୍ଷା ଜୀବନ ରକ୍ଷା' ମନ୍ତ୍ରକୁ ସୁରକ୍ଷା କବଚ ଭାବେ ଗ୍ରହଣ କରିବାକୁ ପ୍ରତିଜ୍ଞା କରିଥିଲେ। ନିଜର ସୁରକ୍ଷା ସହ ଯାତ୍ରୀଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେବାକୁ ଅତିଥିମାନେ ଏଠାରେ ଗୁରୁତ୍ୱାରୋପ କରିଥିଲେ। ଡ୍ରାଇଭରଙ୍କୁ ସରକାରଙ୍କ ପକ୍ଷରୁ କୌଣସି ସୁବିଧା ମିଳୁ ନ ଥିବାରୁ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସରକାର ଡ୍ରାଇଭରମାନଙ୍କ ନ୍ୟାର୍ଯ୍ୟ ଅଧିକାର ମାନିନେବାକୁ ଦାବି ହୋଇଥିଲା। ଡ୍ରାଇଭିଂ ଜୀବନରେ ନିଶାଦ୍ରବ୍ୟ ଠାରୁ ଦୂରେଇ ରହିଥିବା, ଯାତ୍ରୀଙ୍କୁ ଉତ୍ତମ ବ୍ୟବହାର, ବିପଦ ସମୟରେ ଅନ୍ୟ ଡ୍ରାଇଭରଙ୍କୁ ସହଯୋଗ କରୁଥିବା ଡ୍ରାଇଭର ମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଷମକଟକ ବ୍ଲକ ଡ୍ରାଇଭର ସଂଘର ଉପ ସଭାପତି ଝସକେତନ ଦୋରା, ଯୋଶୀ ଜୀବନ ନାୟକ, ରିଲିପ ପାତ୍ର, ଦିଲୀପ ଶବର ପ୍ରମୁଖ ସହଯୋଗ କରିଥିଲେ।

# ଶିଶୁଯତ୍ନ ଅନୁଷ୍ଠାନର ଅନ୍ତେବାସୀଙ୍କୁ ନେଇ କ୍ରୀଡ଼ା ମହୋତ୍ସବ

**ଗୁଣପୁର,୩।୧୨(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଚାଲକମ୍ବା ପଞ୍ଚାୟତ ଲିମାମେଡ଼ା ସ୍ଥିତ ବାଳନିକେତନ ଶିଶୁଯତ୍ନ ଅନୁଷ୍ଠାନଠାରେ ଜିଲାସ୍ତରୀୟ କ୍ରୀଡ଼ା ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାରେ ପଞ୍ଜୀକୃତ ହୋଇଥିବା ସେବା ସମାଜ ରାୟଗଡ଼ା, ଜବରଗୁଡ଼ା ଏବଂ ଗୁଣପୁର ଶାଖା, ବାଳନିକେତନ ଶିଶୁଯତ୍ନ ଅନୁଷ୍ଠାନର ଅନ୍ତେବାସୀଙ୍କ କ୍ରୀଡ଼ାର ବିକାଶ ତଥା ଅନ୍ତର୍ନିହିତ ଗୁଣାବଳିର ପରିପ୍ରକାଶ ପାଇଁ ଏହିଭଳି କ୍ରୀଡ଼ା ଉତ୍ସବ ଆୟୋଜନ କରାଯାଇଥିଲା। ଅନ୍ତେବାସୀମାନେ ୧୦୦, ୨୦୦ ମିଟର ଦୌଡ଼ ସହ ଉଚ୍ଚଡିଆଁ, ଲମ୍ବଡିଆଁ, କ୍ୟାରମ୍, ଚେସ୍ ପ୍ରଭୃତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ପ୍ରତିଯୋଗିତାରେ ୧ମ, ୨ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ କ୍ରୀଡ଼ାରେ ଭାଗନେବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଶିଶୁ ମଙ୍ଗଳ କମିଟିର ଅଧକ୍ଷ ରାଜକିଶୋର ସାହୁ ଓ ସମ୍ମାନିତ ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ କହିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧରେ ଶିଶୁ ସୁରକ୍ଷା ୟୁନିଟର ନିରାକାର ପାଢ଼ୀ, ପ୍ରମୋଦ କୁମାର ନାୟକ, ବିଶ୍ୱବନ୍ଦିତା ବେହୁରା, ସତ୍ୟପ୍ରିୟା ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବାଳନିକେତନ ଅନୁଷ୍ଠାନର ପରିଚାଳକ ଅକ୍ଷୟ ରଞ୍ଜନ ମହାନ୍ତି, କୈଳାସ ଶବର, ଗୋକୁଳଗଣ୍ଟା, ସୁମନ ସୁବୁଦ୍ଧି, ସନ୍ତୋଷ ପଣ୍ଡା, ରାମଚନ୍ଦ୍ର ବେବର୍ତ୍ତା, ନବୀନ ଗୁରୁ, ହିମାଂଶୁ ଶେଖର, ରମେଶ ଶବର ପ୍ରମୁଖ କ୍ରୀଡ଼ା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର ପରାମର୍ଶଦାତା ଅଜିତ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

**ରାୟଗଡ଼ା ଅଫିସ,୩।୧୨**



ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ରାୟଗଡ଼ା ସ୍ଥିତ ଅଶୋକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ମାଁ ମଝିଗୌରୀ ସିବିଓ ଦ୍ୱାରା ଖୋଲିଥିବା ଏକ ଷ୍ଟଲକୁ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ଉଦ୍‌ଘାଟନ କରିଥିଲେ। ପରେ ଏକ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଉପଲକ୍ଷେ ଏକ ସାଧାରଣ ସଭା ମଧ ଆୟୋଜିତ ହୋଇଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲାପାଳ ସ୍ୱଧା ଦେବ ସିଂ, ସମ୍ମାନିତ ଅତିଥି ରୂପେ ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ରାୟଗଡ଼ା ବିଡିଓ ଲକ୍ଷ୍ମୀ ନାରାୟଣ ସାବତ, ସିଡିଏମ୍‌ପିଏଚ୍‌ଓ ଡା. ଲାଲମୋହନ ରାଉତରାୟ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁରେନ୍ଦ୍ର ଗମାଙ୍ଗ, ରାୟଗଡ଼ା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ଗୁଣପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ୍. ସନ୍ତୋଷ କୁମାର ସଭାରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କୁଷ୍ଠରୋଗରୁ ଆରୋଗ୍ୟ ଲାଭ କରିଥିବା ୧୭୮ ଜଣଙ୍କୁ ଜୋତା, ୩୦ ଜଣଙ୍କୁ ମଧୁବାବୁ ଭିନ୍ନକ୍ଷମ ଭତ୍ତା, ୧୦ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ବାଣିଶ୍ରୀ ବୃତ୍ତି, ୨ ଦମ୍ପତିଙ୍କୁ ବିବାହ ପ୍ରୋତ୍ସାହନ ରାଶି(୨ଲକ୍ଷ ୫୦ ହଜାର ଲେଖାଏ), ଜଣେ ଦିବ୍ୟାଙ୍ଗଙ୍କୁ ଚକଲଗା ଚୌକି ପ୍ରଦାନ କରାଯାଇଛି। ସେହିପରି ରାୟଗଡ଼ା ଜିଲାର ବିଭିନ୍ନ ବିଦ୍ୟାଳୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ କୃତକାର୍ଯ୍ୟ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ସଭାରେ ଦୁଇ ଦିବ୍ୟାଙ୍ଗ ରାୟଗଡ଼ାର ଏଲ୍.ରମେଶ କୁମାର ଏବଂ ପଦ୍ମପୁରର ଲକ୍ଷ୍ମଣ ଶବରଙ୍କୁ ସମ୍ମାନିତ କରାଯାଇଛି। ଏହାପରେ ନୂତନ ଜ୍ଞାନବର୍ଦ୍ଧିନୀ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଦ୍ୱାରା ଓ ଜିଲାର କିନ୍ନରମାନଙ୍କ ଦାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା। ଏହି ଦିବସରେ ସମସ୍ତ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଉପସ୍ଥିତ ଥିଲେ।

# ସରଗିଫୁଲ ମ୍ୟୁଜିକ୍ ଆଲବମ୍‌ର ଶୁଭମୁକ୍ତି

**ଗୁଣପୁର,୩।୧୨(ଡି.ଏନ୍.ଏ.)**

ଏକଲବ୍ୟ ଆବାସିକ ବିଦ୍ୟାଳୟ ରାୟଗଡ଼ାଠାରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସରଗିଫୁଲର ମ୍ୟୁଜିକ୍ ଆଲବମର ଶୁଭମୁକ୍ତି ଶନିବାର ହୋଇଯାଇଛି। ରାୟଗଡ଼ା ଠାରେ ହୋଇଥିବା କାର୍ଯ୍ୟକ୍ରମରେ ଜିଲାପାଳ ସ୍ୱଧାଦେବ ସିଂ, ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ଉପସ୍ଥିତିରେ ମ୍ୟୁଜିକ୍ ଆଲବମର ସିଡି ଉନ୍ମୋଚନ କରାଯିବା ସହ ଶୁଭମୁକ୍ତି ହୋଇଥିଲା। ଜିଲା ମଙ୍ଗଳ ଅଧିକାରୀ ଅଶୋକ ଶତପଥୀଙ୍କ ସମେତ ଜିଲା ଏବଂ ଉପଖଣ୍ଡର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏହି ଆଲବମର ପରିକଳ୍ପନା ଦିଲୀପ ଚୌଧୁରି କରିଥିବାବେଳେ ସୁପ୍ରିତ କୁମାର ବଚ୍ଛା ଏବଂ ଅନୁରାଧା ପାଣିଗ୍ରାହୀ କଣ୍ଠଦାନ କରିଛନ୍ତି। ଦିଲୀପ ଚୌଧୁରି, ଦିପ୍ତି ଦାସ ଅଭିନୟ କରିଥିବାବେଳେ କ୍ୟାମେରାମ୍ୟାନ୍ ଭାବେ ପି. ମାଲେଶ ରହିଛନ୍ତି। ନୃତ୍ୟ ନିର୍ଦ୍ଦେଶନା ଭାସ୍କର ଶବର ଏବଂ ପ୍ରଜୋଯନା ମୋହନ ମାଝି କରିଥିବାବେଳେ ରାମ ପାଢ଼ୀ, ଏସ୍. ଶ୍ରୀନିବାସ, ଝୁନୁ ମିଶ୍ର ଏବଂ ଅନିତା ଶବର ସହଯୋଗ କରିଥିଲେ।

# ଟିକିରି ପିଏଚ୍‌ସିକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ସ୍ୱୀକୃତି

**ରାୟଗଡ଼ା ଅଫିସ,୩।୧୨**

**୩ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଯୋଜନା**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ଟିକିରି ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି)କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି)ରେ ପରିଣତ ପାଇଁ ସରକାରୀ ସ୍ୱୀକୃତି ମିଳିଥିବା ଜଣାପଡ଼ିଛି। ଏଥିସହ ଜିଲାରେ ଆଉ ୩ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ହେବା ପାଇଁ ଯୋଜନା ଚାଲିଛି। ଟିକିରି ଠାରେ ସିଏଚ୍‌ସି ନିମନ୍ତେ ୨ କୋଟି ଟଙ୍କା ବ୍ୟୟ ଅଟକଳରେ ନୂତନ ଗୃହ ନିର୍ମାଣ ଚାଲିଛି। ଏହି ନିର୍ମାଣ କାର୍ଯ୍ୟ ଶେଷ ହେବାପରେ ବଳକା ୮ କୋଟି ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ଆବଶ୍ୟକୀୟ କୋଠା ନିର୍ମାଣ ସହ ସାମଗ୍ରୀ ଲଗାଯିବ ବୋଲି ସୂଚନା ମିଳିଛି।

୭୫ ହଜାରରୁ ଉର୍ଦ୍ଧ୍ୱ ଜନବସତି ଅଞ୍ଚଳରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କରାଯିବାକୁ ସରକାରୀ ନିୟମ ରହିଛି।



କାଶୀପୁର ବ୍ଲକର ଜନସଂଖ୍ୟା ପ୍ରାୟ ୧ ଲକ୍ଷ ୬୨ ହଜାର ରହିଥିବାବେଳେ କେବଳ କାଶୀପୁର ଠାରେ ଗୋଟିଏ ମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଫଳରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ଟିକିରି ଠାରେ ସିଏଚ୍‌ସି ପାଇଁ ସ୍ୱୀକୃତି ମିଳିଛି। ଏବେ କାଶୀପୁର ସିଏଚ୍‌ସି ଅଧୀନରେ ୮୦ ହଜାର ଏବଂ ଟିକିରିର ନୂତନ କେନ୍ଦ୍ର ଅଧୀନରେ ୮୨ ହଜାର ଜନସାଧାରଣ ସୁବିଧାରେ ସ୍ୱାସ୍ଥ୍ୟସେବା ପାଇପାରିବେ। ନୂତନ ଭାବେ ହେବାକୁ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଡଙ୍ଗାସିଲ, କୁଚେଇପଦର ଏବଂ ଗୋରଖପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିବ। ଅନ୍ୟପକ୍ଷରେ ମୁନିଗୁଡ଼ା ବ୍ଲକର ଅମ୍ବାଦଳା, ବିଷମକଟକ ବ୍ଲକର ଦୁର୍ଗୀ ଏବଂ ଗୁଣପୁର ବ୍ଲକର ପୁଟାସିଂ ପିଏଚ୍‌ସିକୁ ମଧ ସିଏଚ୍‌ସିର ମାନ୍ୟତା ପାଇଁ ଅଞ୍ଚଳବାସୀଙ୍କ ଦାବି ରହିଛି। ଏଥିପାଇଁ ବିଚାର ଚାଲିଥିବା ସୂଚନା ମିଳିଛି। ହେଲେ ଏହି ୩ ସ୍ଥାନରେ ପ୍ରାୟ ୫୦ ହଜାର ଜନବସତି ରହିଥିବାରୁ ସ୍ୱୀକୃତି ମିଳିବା ସମ୍ଭାବନା କମ୍ ରହିଛି। ତେବେ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ନିମନ୍ତେ ଉକ୍ତ ପିଏସ୍‌ସି ଗୁଡ଼ିକୁ ସିଏଚ୍‌ସିରେ ପରିବର୍ତ୍ତନ କରିବା ଗରୁରୀ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

# 'ରାୟଗଡ଼ା ଜିଲାରେ ଦିବ୍ୟାଙ୍ଗଙ୍କ ବିକାଶ ନାହିଁ'

**ରାୟଗଡ଼ା ଅଫିସ,୩।୧୨**

- ଦିବ୍ୟାଙ୍ଗ ଦିବସରେ ସକ୍ଷମ ପକ୍ଷରୁ ଖବରଦାତା ସମ୍ମିଳନୀ
- ତଳ ମହଲାକୁ ଆସି ଅଭିଯୋଗ ଶୁଣୁଥିବାରୁ ଜିଲାପାଳଙ୍କୁ କୃତଜ୍ଞତା

ବିଶ୍ୱ ଦିବ୍ୟାଙ୍ଗ ଦିବସ ଅବସରରେ ଦିବ୍ୟାଙ୍ଗଙ୍କ ବିଭିନ୍ନ ସମସ୍ୟା ନେଇ ଶନିବାର ସକ୍ଷମ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଦିବ୍ୟାଙ୍ଗ ଦିବସ ପାଳନ ଅବସରରେ ଦିବ୍ୟାଙ୍ଗଙ୍କ ଉନ୍ନତିର ମାନଚିତ୍ର ପ୍ରଦର୍ଶନ କରୁଥିବା ବେଳେ ଏହାର ପ୍ରକୃତ ମାନଚିତ୍ର ଭିନ୍ନ ବୋଲି ସକ୍ଷମ ଜିଲା ସମ୍ପାଦକ ଶ୍ୟାମ କୁମାର ଦାସ କହିଛନ୍ତି।

ଜିଲାରେ ରହିଥିବା ୧୧ ବ୍ଲକ, ୨ ପୌର ପରିଷଦ ଏବଂ ଗୋଟିଏ ଏନ୍ଏସିରେ ଦିବ୍ୟାଙ୍ଗଙ୍କ ସଂଖ୍ୟା ୮୨୯୮ ରହିଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଏମାନଙ୍କ ଉନ୍ନତି ତଥା ଆର୍ଥିକ ବିକାଶ ପାଇଁ ଡିଆର୍‌ଆଇ ଋଣ ସୁବିଧା ରହିଥିବା ବେଳେ ମାତ୍ର ୧୧୯ ଜଣଙ୍କୁ ଋଣ ମିଳିଛି। ଏହା ସର୍ବମୋଟ ଦିବ୍ୟାଙ୍ଗଙ୍କ ତୁଳନାରେ ମାତ୍ର ୧.୪୩ ପ୍ରତିଶତ। ସେହିଭଳି ଦିବ୍ୟାଙ୍ଗଙ୍କ ପାଇଁ ରହିଥିବା ସହାୟକ ଉପକରଣ ମଧ କେବଳ ୩୫୧ ଜଣ ପାଇଥିବାବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସୁବିଧା ମାତ୍ର ୩୩ ଜଣଙ୍କୁ ମିଳିଛି। ସେହିଭଳି ଅନ୍ୟ ସହାୟତା ସହଯୋଗକୁ ଦେଖିଲେ ମାତ୍ର ୨୨୦ ଜଣ ସୁବିଧା ପାଇଛନ୍ତି। ଆର୍‌ଟିଆଇରେ ମିଳିଥିବା ତଥ୍ୟ ଅନୁଯାୟୀ, ଜିଲା ସଦର ବ୍ଲକ ଏବଂ ପୌର ପରିଷଦ, ବିଷମକଟକ ଏବଂ କାଶୀପୁର ବ୍ଲକରେ ଜଣେ ମଧ ଦିବ୍ୟାଙ୍ଗ କୌଣସି ସରକାରୀ ସହାୟତା ପାଇନାହାନ୍ତି।




ଖବରଦାତା ସମ୍ମିଳନୀରେ ସକ୍ଷମର ଜିଲା ସଭାନେତ୍ରୀ, ସମ୍ପାଦକ ଓ ଅନ୍ୟମାନେ।

ତେବେ ଦିବ୍ୟାଙ୍ଗଙ୍କ ଅଭିଯୋଗ ପାଇଁ ଜିଲାପାଳ ସ୍ୱଧା ଦେବ ସିଂ ପ୍ରଥମ ଜିଲାପାଳ ଭାବେ କାର୍ଯ୍ୟାଳୟ ତଳ ମହଲାକୁ ଆସି ଅଭିଯୋଗ ଶୁଣୁଥିବାରୁ ସକ୍ଷମ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧରେ ସଙ୍ଗଠନର ଜିଲା ସଭାନେତ୍ରୀ ଅନିତା ନନ୍ଦ, ଉପସଭାପତି ରାକେଶ ହିମିରିକା ଏବଂ ସହ ସମ୍ପାଦକ ଜଳନ୍ଧର ବାଟେଲି ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅଟୋ ଦୁର୍ଘଟଣାରେ ଜଣେ ମୃତ, ୪ ଗୁରୁତର

ଜୟପୁର,୩।୧୨ (ନି.ପ୍ର.)-କୋରାପୁଟ ଜିଲା ଲମତାପୁଟ ଅଞ୍ଚଳରୁ ୫ଜଣ ଯାତ୍ରୀଙ୍କୁ ଧରି ଆସୁଥିବା ଏକ ଅଟୋ କୋଟାଛକଠାରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଏଥିରେ ଯାତ୍ରୀଙ୍କ ମଧ୍ୟରୁ ଜଣକର ମୃତ୍ୟୁ ହୋଇଥିବା ବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ୭ ଦଫା ଦାବି ନେଇ ଧାରଣାରେ ବସିଲେ ଆଶାକର୍ମୀ

ଦଶମନ୍ତପୁର,୩।୧୨ (ଡି.ଏନ.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ୭ଦଫା ଦାବି ନେଇ ଆଶାକର୍ମୀମାନେ ଧାରଣାରେ ବସିଛନ୍ତି। ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ଆହ୍ୱାନରେ ବ୍ଲକରେ କାର୍ଯ୍ୟରତ ଆଶାକର୍ମୀମାନେ ଧାରଣାରେ ସାମିଲ ହୋଇଛନ୍ତି। ଆଶାକର୍ମୀଙ୍କୁ ସରକାରୀ ମାନ୍ୟତା, ମାସିକ ୧୮ ହଜାର ଟଙ୍କା ଦରମା, ମାସିକ ୫ ହଜାର ଭତ୍ତା, କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କଲେ ୫ ଲକ୍ଷ ଟଙ୍କା ସହାୟତା ରାଶି, ଇପିଏଫ୍ ସୁବିଧା ଭଳି ବିଭିନ୍ନ ଦାବି ପୂରଣ ନେଇ ସେମାନେ ଧାରଣାରେ ବସିଥିବା ଜଣାପଡ଼ିଛି। ଜଣେ ସାଧାରଣ ଲୋକ ମଜୁରି ଲାଗି ଯାହା ମଜୁରି ପାଉଛନ୍ତି ଆମେ ଦିନରାତି ପରିଶ୍ରମ କରି ସେବା ଯୋଗାଇ ମଧ ପାଉନାହୁଁ ସରକାର ଆମକୁ ସମାନ କାର୍ଯ୍ୟକୁ ସମାନ ଦରମା ଦେଉନାହାନ୍ତି ବୋଲି ସଂଘ ସଭାପତି ଗୀତାଞ୍ଜଳି ଜେନା କହିଛନ୍ତି। ସରକାର ଆଶାକର୍ମୀମାନଙ୍କ ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

### ବ୍ଲକସ୍ତରୀୟ ଗୋଷ୍ଠୀ ଅନ୍ତେନିବାସୀ ଶିକ୍ଷା ସାଧନ କେନ୍ଦ୍ର ଉଦଘାଟିତ



ମାଲକାନଗିରି, ୩।୧୨(ଡି.ଏନ.ଏ.)-ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ଶନିବାର ବିଭିନ୍ନ ସ୍ଥାନରେ ଅନ୍ତନିବେଶି ଶିକ୍ଷା ସାଧନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ମହକୁମାରେ ମଧ ଏହି କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ, ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ସଞ୍ଜୟ ମାଲାକାର , ଗୋଷ୍ଠୀ ସାଧନ କର୍ମୀ ତପସ୍ୱିନୀ ସାହୁ, ଦିବ୍ୟାଙ୍ଗ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରଯାଇଥିଲା।

### ଆଶାକର୍ମୀ ସଂଘ ପକ୍ଷରୁ ବିକ୍ଷୋଭ, ଧାରଣା



ମାଲକାନଗିରି, ୩।୧୨(ଡିଏନଏ)- ମାଲକାନଗିରି ଜିଲା ସିଡିଏମଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଜିଲା ଆଶା କର୍ମୀ ସଂଘ ପକ୍ଷରୁ ବିକ୍ଷୋଭ ଓ ଧାରଣା ଅନୁଷ୍ଠିତ ହୋଇଯାଇଛି। ଓଡିଶା ଆଶାକର୍ମୀ ସଂଘ ଆହ୍ୱାନରେ ଆଶଶକର୍ମୀମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଦୀର୍ଘଦିନ ଧରି ଆଶାକର୍ମୀମାନେ ସେମାନଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରି ଆସୁଥିଲେ ମଧ ତାହା ପୂରଣ ହେଉନାହିଁ। ଶେଷରେ ସେମାନେ ଆନ୍ଦୋଳନ କରିବାକୁ ବାଧ ହୋଇଥିବା ଆଶାକର୍ମୀ ମାନେ କହିଛନ୍ତି।

### ନାଚଗୀତରେ ସରିଲା ବ୍ଲକସ୍ତରୀୟ ପରବ

ଜୟପୁର, ୩।୧୨ (ନି.ପ୍ର.)- ନାଚଗୀତରେ ଶେଷ ହୋଇଛି ଜୟପୁର ବ୍ଲକସ୍ତରୀୟ ପରବ । ପାରାବେଡାସ୍ଥିତ ଝାଙ୍କରଦେଇ ମନ୍ଦିରରୁ ପରବ ମଶାଲ ବାହାରି ବାଜା ନାଚ ଗୀତରେ ଦଶହରା ପଡିଆରେ ପହଞ୍ଚିଥିଲା । ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମଶାଲ ପହଞ୍ଚିବା ପରେ ବ୍ଲକସ୍ତରୀୟ ପରବ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଉପ ଜିଲାପାଳ ବେଦବର ପ୍ରଧାନ, ବ୍ଲକ ଆଧକ୍ଷା ତିଳୋତମା ମୁଦୁଲି, ପୌରାଧକ୍ଷ ନରେନ୍ଦ୍ର ମହନ୍ତି, ତହସିଲଦାର ପ୍ରଧାନ ଟୁଲ୍ଲିଆଜ୍ଞା, ବିଡିଓ ରାଜୀବ ଦାସ, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର, ଏବିଡିଓ ମନୋଜ ନାୟକ, ଜିଲା ପରିଷଦ ସଭ୍ୟା, ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ । ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଦାବିପତ୍ର

କୋରାପୁଟ/ଦଶମନ୍ତପୁର/ ସୁନାବେଡ଼ା/ ସେମିଳିଗୁଡ଼ା,୩।୧୨(ସ୍ୱ.ପ୍ର./ଡି.ଏନ୍.ଏ.)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମତି ପକ୍ଷରୁ ବିଭିନ୍ନ ଦାବି ପୂରଣ ନେଇ କୋରାପୁଟ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀକାନ୍ତ ଜାନିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। କୋରାପୁଟ ଓଷ୍ଟାର ଜିଲା ସଭାପତି ସୁଶାନ୍ତ ଖୁଣ୍ଟିଆ, ବ୍ଲକ ସଭାପତି ଅରବିନ୍ଦ ସ୍ୱାଇଁ,ବ୍ଲକ ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ, ଫକିର ଚରଣ ଖୁଣ୍ଟିଆଙ୍କ ସମେତ ସୁନାପୁର ଶହୀଦ ରାଜୀବ ଗାନ୍ଧୀ ଝଡ଼ିଗୁଡାସ୍ଥିତ କାମସୁନା ଉଚ୍ଚ ବିଦ୍ୟାଳୟ ଓ ଦାମନଯୋଡ଼ି ଲିଟିଗୁଡାସ୍ଥିତ ଆଲୁମିନା ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନେ ଅର୍ଥମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ସଚିବ ଅର୍ଥ ବିଭାଗ ଓ କମିଶନର ତଥା ସଚିବ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଏହି ଦାବିପତ୍ର ଦେଇଛନ୍ତି। ୭ମ ବେତନ କମିଶନ ଆଧାରରେ ସମସ୍ତଙ୍କୁ ଦରମା, ୨୦୧୮ ଅନୁଦାନ ନିର୍ଦ୍ଦେଶ ଅନୁଯାୟୀ ଅଣପ୍ରଶିକ୍ଷଣ ହିନ୍ଦୀ, ସଂସ୍କୃତ ଓ ଶାରୀରିକ ଶିକ୍ଷକମାନଙ୍କୁ ୭ମ ବେତନ,ଯୋଗ୍ୟ ବିବେଚିତ ସ୍କୁଲ ଓ କଲେଜକୁ ଅନୁଦାନ, ଚାକିରି ସର୍ତ୍ତାବଳୀ ସହିତ ଅବସରକାଳୀନ ସୁବିଧା ପ୍ରଦାନ,ଅନୁଦାନ ପ୍ରାପ୍ତ ସ୍କୁଲ ଓ କଲେଜରେ ଖାଲି ଥିବା ପଦବୀ ପୂରଣ, ଅବସର ବୟସ ସୀମା ୬୨ ବର୍ଷକୁ ବୃଦ୍ଧି କରିବା,ପୁରୁଣା ପେନ୍‌ସନ ଲାଗୁ କରିବା ଆଦି ଦାବି ରହିଛି।

ଦଶମନ୍ତପୁର ବ୍ଲକ ସଦରସ୍ଥିତ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଏକ୍ସ.କ୍ୟାଡର ଶିକ୍ଷକ ସଂଘ ପକ୍ଷରୁ ବିଇଓ ଦୟାସିନ୍ଧୁ ବାଘଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏକ୍ସ–କ୍ୟାଡର ଶିକ୍ଷକ ସଂଘ ସଭାପତି ପ୍ରବୀଣ କନ୍ଧପାନଙ୍କ ନେତୃତ୍ୱରେ ବ୍ଲକର ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ରାଧାକୃଷ୍ଣ ମନ୍ଦିର ଛକଠାରୁ ଶୋଭାଯାତ୍ରା ଆସି ଦାବିପତ୍ର ଦେଇଥିଲେ। ସଂଘ ଉପ ସଭାପତି ଧନେଶର ବେନିଆ, ସମ୍ପାଦକ ଚଳଗଙ୍ଗ ବିଶୋୟୀ, ସନ୍ୟାସୀ ସାହୁ, ପ୍ରମୋଦ କଂସାରି, ତପନ ହିଆଲ, ତ୍ରିନାଥ ବିଶୋୟୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଏକ୍ସ–କ୍ୟାଡର ଶିକ୍ଷକଙ୍କ ଡେପୁଟେଶନକୁ ବାତିଲ, ଏକ୍ସ–କ୍ୟାଡର ବ୍ୟବସ୍ଥା ଉଚ୍ଛେଦ ସହ ଅନ୍ୟାନ୍ୟ ଦାବି ରହିଛି। ଯଦି ସରକାର ଏହାକୁ ପୂରଣ ନ କରନ୍ତି ତେବେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପ୍ରକାଶ କରିଛନ୍ତି।

ସେମିଳିଗୁଡା ବ୍ଲକ ଅଧୀନ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଓ ପ୍ରାଥମିକ ଶିକ୍ଷକ ( ଏକ୍ସକ୍ୟାଡର) ମହାସଂଘ ପକ୍ଷରୁ ବିଇଓଙ୍କୁ ୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲା ଆବାହକ ଅଶୋକ ପଟ୍ଟନାୟକଙ୍କ ନେତୃତ୍ୱରେ ସେମିଳିଗୁଡା ବିଇଓ ଚମେଲି ମଜୁମଦାରଙ୍କୁ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ଅର୍ଥମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଯୋଜନା ସମନ୍ୱୟ ବିଭାଗ ସଚିବ ଓ ଉଚ୍ଚଶିକ୍ଷା ବିଭାଗ ସଚିବଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ସ୍କୁଲ ଓ କଲେଜରେ ଶିକ୍ଷକ ଓ କର୍ମଚାରୀଙ୍କ ୭ମ ବେତନ ଯୋଜନା ଲାଗୁ, ସଂସ୍କୃତ ଓ ମଦ୍ରାସାରେ ନିଯୁକ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ମଧ ୭ମ ବେତନ ଯୋଜନାଭୁକ୍ତ କରିବା, ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ କରିବା, ଶିକ୍ଷକମାନଙ୍କ ଅବସର ସମୟ ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବା, ପୁରୁଣା ପେନ୍‌ସନ ପୁଣି ଲାଗୁ କରିବା ଭଳି ବିଭିନ୍ନ ଦାବି ରହିଛି। ସମନ୍ୱୟ ସମିତି ତତ୍ତ୍ୱାବଧାନରେ ଆସନ୍ତା ୭ରେ ଜିଲା ଶିକ୍ଷାଧିକାରୀ ଏବଂ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଯଦି ସରକାର ଦାବି ପୂରଣ ନ କରନ୍ତି ଡିସେମ୍ବର ୧୭ରେ ଭୁବନେଶ୍ୱରରେ ହେବାକୁ ଥିବା ଶିକ୍ଷକ ସମାବେଶରେ ଜିଲାର ଶିକ୍ଷକ ଓ କର୍ମଚାରୀ ସାମିଲ ହେବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଥିବା ବ୍ଲକ ସଭାପତି ଗତିକୃଷ୍ଣ ବାରିକ, ସମ୍ପାଦକ ଧରଣୀଧର ବିଶୋୟୀ କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପ୍ରାଥମିକ ଶିକ୍ଷକ ସଂଘର ବ୍ଲକ ସଭାପତି ତ୍ରିନାଥ ଖରା, ସମ୍ପାଦକ କର୍ଣ୍ଣପତି ନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ




କୋରାପୁଟ,୩।୧୨(ସ୍ୱ.ପ୍ର.)

କୋରାପୁଟସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର କନ୍‌ଫରେନ୍ସ ହଲ୍‌ରେ ୩୦ ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଅଧୀନରେ ଥିବା ସମ୍ପ୍ରସାରଣ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ହେମନ୍ତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କୋଲକାତାସ୍ଥିତ କୃଷି ପ୍ରଯୁକ୍ତି ବିଦ୍ୟା ଅନୁସନ୍ଧାନ ପ୍ରତିଷ୍ଠାନର ପ୍ରଧାନ ବୈଜ୍ଞାନିକ ଡ. କଲ୍ୟାଣ ସୁନ୍ଦର ଦାସ ଯୋଗଦେଇ କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟକ୍ରମର ସମୀକ୍ଷାକରି ଆଗାମୀ ବର୍ଷର ଯୋଜନାର ଅନୁମୋଦନ ଓ ରୂପାନ୍ତରଣ ଉପରେ ଗୁରୁତ୍ୱାରୋପ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ବିଶ୍ୱନଥ ସାହୁ ରବି ୨୦୨୧ ଓ ଖରିଫ ୨୦୨୨ର କାର୍ଯ୍ୟକ୍ରମ ଏବଂ ବର୍ଷ ୨୦୨୩–୨୪ର ଯୋଜନା ଉପସ୍ଥାପନା କରିଥିଲେ। ଆଞ୍ଚଳିକ ଗବେଷଣାଗାରର ମୁଖ୍ୟ ଡ. ପର୍ଶୁରାମ ଶିଆଳ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରବି ନାରାୟଣ ପଣ୍ଡା, ନାବାର୍ଡର ଡିଡିଏମ୍ ମୁରାରୀ ମୋହନ ବେହେରା, ସୁନାବେଡ଼ାସ୍ଥିତ ମୃତ୍ତିକା ଓ ଜଳ ସଂରକ୍ଷଣର ମୁଖ୍ୟ ଡ.ଏଚ୍. ଗୋଉଡା, ଜିଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ଅରୁଣ ବେହେରା, ଜିଲା କୃଷି ଅଧିକାରୀ ବୈକୁଣ୍ଠନାଥ ବେହେରା, ସହକାରୀ ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ସେନାପତି, ଅଳସୀ ଗବେଷଣାଗାରର ମୁଖ୍ୟ ବିଭୂତି ଭୂଷଣ ଦଳେଇ, ଜୟପୁର ଧାନ ଗବେଷଣାଗାରର ମୁଖ୍ୟ ମିହିର ରଞ୍ଜନ ମହାନ୍ତି, ଆଗ୍ରୋ ପଲିଟେକ୍‌ନିକ ଅଧକ୍ଷା ସୌମ୍ୟା କାନୁନ୍‌ଗୋଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। କ୍ଷେତ୍ର ବିଜ୍ଞାନୀ ସୁନିତା ଦଣ୍ଡସେନା ଧନ୍ୟବାଦ ଦେଇଥିଲେ ।

## ରାଜ୍ୟସ୍ତରୀୟ ପରବ ପରିଚାଳନା ନେଇ ବିଭିନ୍ନ କମିଟିର ବୈଠକ

କୋରାପୁଟ,୩।୧୨(ସ୍ୱ.ପ୍ର)

କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ପରବ ପରିଚାଳନା ନେଇ ଖାଦ୍ୟ, ରହଣି , ପରିବହନ କମିଟିର ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ଜିଲାପାଳ ଅବଦାଲ ଏମ ଅଖତାରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ପରବ ପରିଚାଳନା କମିଟି ସଦସ୍ୟ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରଭ ଶିବାଜୀ, ପିଏ ଆଇଟିଡିଏ କାରୁ ସୋରେନ, ତହସିଲଦାର ରଞ୍ଜନ କୁମାର ମାନସେଠ, ଜିଲା ଯୋଜନା ଓ ପରିସଂଖ୍ୟାନ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା, ଏମ୍‌ପି ପ୍ରତିନିଧି ମନୋଜ ଆଚାର୍ଯ୍ୟ, ଜିଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା, ଖବରଦାତା ଅମିତାଭ ବେହେରା, ସଞ୍ଜୁତ ନନ୍ଦ, ଭୂଷିତ ବିଡିକା, ଜିଲା ସୂଚନା ଓ ଲୋକ ସଂପର୍କ ବିଭାଗର ଅଲିଭା ବେହେରା, ସତ୍ୟ ନାରାୟଣ ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ପରବର ମୁଖ୍ୟ ସମାରୋହରେ ଜିଲା, ଜିଲା ବାହାରୁ ତଥା ରାଜ୍ୟ ବାହାରୁ ଆସୁଥିବା କଳାକାରମାନଙ୍କ ପାଇଁ ଆବଶ୍ୟକ ରହଣି ବ୍ୟବସ୍ଥା, ପରିବହନ ବ୍ୟବସ୍ଥା, ଖାଦ୍ୟ ବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା । ପରବ କମିଟି ସଦସ୍ୟମାନେ ବୈଠକରେ ନିଜ ମତ ରଖିଥିଲେ। ପରବ ମୁଖ୍ୟ ସମାରୋହକୁ ଆସୁଥିବା ସମସ୍ତ କଳାକାରଙ୍କ ବୃତାନ୍ତ ତଥ୍ୟ ଆସନ୍ତା ୧୨ ତାରିଖ ସୁଦ୍ଧା କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । କୋରାପୁଟ ସହରରେ ଥିବା ଡିଆରଡିଏ ଗେଷ୍ଟ ହାଉସ,ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, ସର୍କିଟ ହାଉସ, ମହିଳା ମହାବିଦ୍ୟାଳୟ ଆଦିକୁ ପ୍ରଥମେ ରହଣି ବ୍ୟବସ୍ଥା କରିବା ସହ ଆବଶ୍ୟକ ସ୍ଥଳେ କୋରାପୁଟ ଶାବର ଶ୍ରୀକ୍ଷେତ୍ରର ଅତିଥିଭବନ, ଯାତ୍ରୀ ଭବନ, ଅତିଥି ନିବାସ, ସହରର ବିଭିନ୍ନ ହୋଟେଲରେ ରହଣି ବ୍ୟବସ୍ଥା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା । ସେହିପରି ଚଳିତ ବର୍ଷ ପଞ୍ଜାବ, ହରିଆନା, ଜାମୁକଶ୍ମୀର, ଆସାମ, କଲିକତା, ଆନ୍ଧ୍ର ପ୍ରଦେଶ ସହ ରାଜ୍ୟର ୧୦ରୁ ଉର୍ଦ୍ଧ୍ୱ କଳାକାର ଦଳ ପରବର ମୁଖ୍ୟ ସମାରୋହକୁ ଆସିବା ନେଇ ସମ୍ମତି ଦେଇଛନ୍ତି। ସେମାନଙ୍କ ରହଣି, ପରିବହନ,ଖାଦ୍ୟ ବ୍ୟବସ୍ଥା ସୁଚାରୁରୂପେ ସମ୍ପନ୍ନ ନେଇ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ସେମାନଙ୍କ ସମସ୍ତ ସୁବିଧା କରିବା ଲାଗି ପିଏ ଆଇଟିଡିଏ କାରୁ ସୋରେନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଟାଉନ ହଲଠାରେ ସମସ୍ତ ଖାଦ୍ୟ ପ୍ରସ୍ତୁତ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ପରବ ମୁଖ୍ୟ ସମାରୋହ ସ୍ଥାନରୁ କଳାକାରମାନଙ୍କ ନେବା ଆଣିବା ସହ କଳାକାରମାନଙ୍କ ସେମାନଙ୍କ ନୃତ୍ୟ ପ୍ରସ୍ତୁତି, ପରବର ମୁଖ୍ୟ ମଣ୍ଡପ, ଦର୍ଶକ ଗ୍ୟାଲେରି, ଗ୍ରୀନ ରୁମ ଆଦି ଉପରେ ଆଲୋଚନା କରାଯାଇଥିଲା ।



ବୈଠକରେ ଅଧିକାରୀ ଓ ଅନ୍ୟମାନେ ।

## ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଲକିନାଥ ସମ୍ବର୍ଦ୍ଧିତ



ମାଲକାନଗିରି, ୩।୧୨ (ସ୍ୱ.ପ୍ର./ଡି.ଏନ.ଏ.)

ମାଲକାନଗିରି ମହାବିଦ୍ୟାଳୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ଲକିନାଥ କିର୍ଷାନିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆଗ୍ରାସ୍ଥିତ ଇଣ୍ଡିଆନ ଏୟାରପୋର୍ଟ ତାଲିମ ଶିବିରରେ ସେ ଭାଗ ନେଇ ଦୁଃସାହସିକ କାର୍ଯ୍ୟକ୍ରମ ପାରା ଗ୍ଲାଇଡିଂ ଯୁଦ୍ଧ ଜାହାଜରେ କିପରି ଉଦ୍ଧାର କାର୍ଯ୍ୟ କରିପାରିବେ ପ୍ରଶିକ୍ଷଣ ନେଇଥିଲେ। ଏଥିରେ ଲକିନାଥ ଓଡ଼ିଶାରୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏଥିପାଇଁ ତାଙ୍କୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ପରିଚାଳକ ସ୍ୱପ୍ନ ସିକଦାର ଏବଂ ଭେଙ୍କ ରାମ, ବି.ମାଲକାନଗିରି ମହାବିଦ୍ୟାଳୟ ଅଧକ୍ଷ ସମ୍ମାନିତ କରିଥିଲେ। ମାଲକାନଗିରି ମହାବିଦ୍ୟାଳୟ ଅଧକ୍ଷ ଅଶୋକ ଷଡ଼ଙ୍ଗୀ, ଜିଲା ଯୁବ ରେଡ୍‌କ୍ରସ୍ ସମ୍ପାଦକ ଡ. ରଞ୍ଜନ ସ୍ୱାଇଁ, ଏନ୍‌ସିସି ଅଧିକାରୀ ସୁଶାନ୍ତ ମାଝି, ଗୌତମ ନାୟକ, ନମିତା ଦଣ୍ଡସେନା, ପ୍ରମେୟ ମହାନ୍ତି, ଜିମୁତ ନାୟକ, ତପନ ବେହେରା ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସରେ ଜିଲା ଦିବ୍ୟାଙ୍ଗ ସାଧନ କେନ୍ଦ୍ର ଉଦ୍‌ଘାଟିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ମାଲକାନଗିରି, ୩।୧୨(ଡି.ଏନ.ଏ.)

ମାଲକାନଗିରି ଜିଲା ରୁଙ୍କୁଣିଗୁଡାରେ ଜିଲା ଦିବ୍ୟାଙ୍ଗ ସାଧନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି। ମାଲକାନଗିରି ଜିଲାପାଳ ବିଶାଳ ସିଂ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରଫୁଲ୍ଲ ନନ୍ଦ, ଜିଲା ଶିକ୍ଷା ଅଧିକାରୀ ମାନସ ଜେନା ଉପସ୍ଥିତ ଥିଲେ। ଏହି ନୂତନ ଦିବ୍ୟାଙ୍ଗ ସାଧନ କେନ୍ଦ୍ରରେ ଜିଲାର ଦିବ୍ୟାଙ୍ଗ ପିଲାଙ୍କୁ ଶିକ୍ଷାଦାନ ସହ ସେମାନଙ୍କ ମୌଳିକ ବିକାଶ ଦିଗରେ ବ୍ୟବସ୍ଥା କରାଯାଇଛି । ଏହାଦ୍ୱାରା ଜିଲାର ଅନେକ ଦିବ୍ୟାଙ୍ଗ ପିଲା ଉପକୃତ ହେବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ସେହିପରି ଜିଲା ସଦରସ୍ଥିତ ନଗର ଭବନରେ ଜିଲାସ୍ତରୀୟ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଉପ ଜିଲ୍ଲାପାଳ ଅକ୍ଷୟ ଖେମୁଡୁ, ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମରଞ୍ଜନ ଦାସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନେକ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ଯୋଜନାରେ ସହାୟତା ପ୍ରଦାନ କରଯାଇଥିଲା।

## ବାଇପାସ୍ ରୋଡ୍ ନେଇ ବୈଠକ

କୋରାପୁଟ,୩।୧୨(ସ୍ୱ.ପ୍ର.)

କୋରାପୁଟ ବାଇପାସ ରୋଡ ନିର୍ମାଣ ନେଇ ଜନ ପରାମର୍ଶ ବୈଠକ ଶନିବାର ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ପୌରାଧକ୍ଷ ଲଳାଟ ରଞ୍ଜନ ସେଠୀ, ରେଲୱେର ଅତିରିକ୍ତ ଡିଭିଜନାଲ ଇଞ୍ଜିନିୟର ଲଳାଟେନ୍ଦୁ ବିଦ୍ୟାଧର ଜେନା, ଏମ୍‌ପି ପ୍ରତିନିଧି ମନୋଜ ଆଚାର୍ଯ୍ୟଙ୍କ ସହ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ୩ଟି ବାଇପାସ ନକ୍ସା ଉପସ୍ଥିତ ବ୍ୟକ୍ତିଙ୍କ ନିକଟରେ ଉପସ୍ଥାପନା କରାଯାଇଥିଲା । ପ୍ରଥମ ନକ୍ସାକୁ ଉପସ୍ଥିତ ବ୍ୟକ୍ତିମାନେ ଅନୁମୋଦନ କରିଥିଲେ ବୋଲି ଜାତୀୟ ରାଜପଥ ନିର୍ବାହୀଯନ୍ତ୍ରୀ ସୌମ୍ୟଜିନି ସେଠୀ କହିଛନ୍ତି। ଏହି ନକ୍ସା ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦନ ହେବା ପରେ ଡିପିଆର, ଜମି ଅଧିଗ୍ରହଣ ଓ ଟେଣ୍ଡର ଆହ୍ୱାନ କରାଯିବ। କୋରାପୁଟ, କନ୍ହେଇପୁଟ, କୁମ୍ଭା ଦେଇ କୋରାପୁଟ–ଜୟପୁର ୨୬ ନମ୍ବର ଜାତୀୟ ରାଜପଥର ପାଇନବନ ଯାଏ ମୋଟ ୩.୫ କିମି ବିଶିଷ୍ଟ କୋରାପୁଟ ବାଇପାସ ରାସ୍ତା ହେବ। ଏହାର ବ୍ୟୟ ଅଟକଳ ୭୫ କୋଟି ରହିଛି।

## ଆଶାକର୍ମୀଙ୍କ ଧାରଣା, ବିକ୍ଷୋଭ ଜାରି

ଜୟପୁର, ୩।୧୨ (ନି.ପ୍ର.)

ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ଜୟପୁର ଶାଖା ପକ୍ଷରୁ ଧାରଣା ବିକ୍ଷୋଭ ଜାରି ରହିଛି। ଜୟପୁର ବ୍ଲକ ଅନ୍ତର୍ଗତ ରାବଣାଗୁଡା ସିଏଚସି ପରିସରରେ ୭ଦଫା ଦାବି ନେଇ ସେମାନେ ଧାରଣା ଦେଇଛନ୍ତି। ଜୟପୁର ବ୍ଲକ ସଭାପତି ସୁଜାତା ଦୁରିଆ, ସମ୍ପାଦକ ଗୋମତି ମହୁରିଆଙ୍କ ନେତୃତ୍ୱରେ ଚାଲିଥିବା ଏହି ଧାରଣା ଦାବି ପୂରଣ ନ ହେବା ଯାଏ ଚାଲିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଜାତୀୟ ସ୍ୱାସ୍ଥ୍ୟମିଶନ ଅଧୀନରେ କାର୍ଯ୍ୟ କରୁଥିବା ଆଶାକର୍ମୀଙ୍କୁ ସ୍ଥାୟୀ କରିବା, ସେମାନଙ୍କୁ ମାସିକ ୧୮ ହଜାର ଟଙ୍କା ବେତନ, ଅବସର ନେଉଥିବା କର୍ମୀଙ୍କୁ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ ସହ ମାସିକ ୫ ହଜାର ଟଙ୍କା ଭତ୍ତା, ଯୋଗ୍ୟତା ଭିତ୍ତିରେ ଆଶାକର୍ମୀନଙ୍କୁ ଏଏନଏମ ଭାବେ ନିଯୁକ୍ତି ଦେବାକୁ ସେମାନଙ୍କ ଦାବି ରହିଛି।

## ଅଙ୍ଗନୱାଡିଙ୍କ ଧାରଣାସ୍ଥଳକୁ ଗଲେ ବିଧାୟକ

ଜୟପୁର, ୩।୧୨ (ନି.ପ୍ର.)

ଭାରତୀୟ ମଜଦୁର ସଂଘ ପ୍ରବନ୍ଧିତ ଅଲ ଓଡିଶା ଅଙ୍ଗନୱାଡି ଲେଡିସ ଓାର୍କସ ଆସୋସିଏଶନର ସଭ୍ୟ ଓ କାର୍ଯ୍ୟକର୍ତ୍ତାମାନେ ବିଭିନ୍ନ ଦାବି ପୂରଣ ନେଇ ଧାରଣା ରେ ବସିଛନ୍ତି। ଶନିବାର ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ସେମାନଙ୍କ ନିକଟକୁ ଧାରଣା ସ୍ଥଳକୁ ଯାଇ ସେମାନଙ୍କ ସହ ଆଲୋଚନା କରିଥିଲେ। ଦାବିପୂରଣ ନ ହେବା ଯାଏ ଜିଲାର ପ୍ରତ୍ୟେକ ବ୍ଲକ ମୁଖ୍ୟାଳୟରେ ଧାରଣା ଚାଲୁ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଥିଲା। ବ୍ଲକ ସଭାନେତ୍ରୀ ଅହଲ୍ୟାବାୟୀ ପଣ୍ଡା ଏବଂ ସମ୍ପାଦିକା ଗାଙ୍ଗି ପାଳଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଚାଲିଛି। ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରି ଘୋଷଣା କରିବା, ମାସକୁ ୨୧ ହଜାର ଦରମା ଦେବା, ମିନି ଅଙ୍ଗନୱାଡି କର୍ମୀଙ୍କୁ ଅଙ୍ଗନୱାଡି କର୍ମୀ ଭାବେ ଘୋଷଣା କରିବା, ଗରମ ରନ୍ଧା ଖାଦ୍ୟର ମୂଲ୍ୟ ବୃଦ୍ଧି କରିବା, ଚାକିରିରୁ ବାହାରିଥିବା କର୍ମୀଙ୍କୁ ପୁଣି ଅବସ୍ଥାପିତ କରିବା ଆଦି ସେମାନଙ୍କ ଦାବି ରହିଛି ।

## କାଳିମେଳାରେ ଦିବ୍ୟାଙ୍ଗ ଦିବସ ପାଳିତ

କାଲିମେଳା, ୩।୧୨(ଡି.ଏନ.ଏ.)–

ମାଲକାନଗିରି ଜିଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ କାଳିମେଳା ବ୍ଲକର ରଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ–୨୦୨୨ ପାଳିତ ହୋଇଯାଇଛି। ଏହି ଅବସରରେ ନିର୍ମିତ ଅନ୍ତର୍ନିବେଶି ଶିକ୍ଷା ସାଧନ କେନ୍ଦ୍ର ଉଦଘାଟିତ ହୋଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ବାରୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁବାସିନୀ ସୋଡ଼ି ମୁଖ୍ୟଅତିଥି ଭାବେ ଯୋଗଦେଇ ଗୃହକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧକ୍ଷ ମାଳା ମାଡ଼ି, ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅବିଦ ହୁସେନ ଖାନ, କାଳିମେଳା ସରପଞ୍ଚ ପୃଥିରାଜ ମାଝୀ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଦୀପ ତାପାଲି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଶିକ୍ଷକ ଧ୍ରୁବ ଚରଣ ନାୟକ ଅତିଥି ପରିଚୟ ଦେଇଥିଲେ। ଏହି ଅନ୍ତର୍ନିବେଶି ଶିକ୍ଷା ସାଧନ କେନ୍ଦ୍ର ବ୍ଲକର ଭିନ୍ନକ୍ଷମ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ପାଇଁ ଉଦ୍ଦିଷ୍ଟ। ଏହା ତାଲିମ ଥେରାପି ଓ ପରାମର୍ଶ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ସଙ୍ଗୀତ, ଓ ମ୍ୟୁଜିକାଲ ଚେୟାର ପ୍ରତିଯୋଗିତା ହୋଇଥିଲା।

## ନୃତ୍ୟରେ ଦୁଲୁକିଲା ସରଗିଫୁଲ୍ ମଞ୍ଚ

ରାୟଗଡ଼ା ଅଫିସ,୩।୧୨

ରାୟଗଡ଼ା ସଦର ବ୍ଲକ ସିରିଗୁଡ଼ା ସ୍ଥିତ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଠାରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସରଗିଫୁଲ୍ ଓ ବିଜ୍ଞାନ ମେଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ସ୍ୱଧା ଦେବ ସିଂ, ସମ୍ମାନୀତ ଅତିଥି ରୂପେ ଏସ୍‌ପି ବିବେକାନନ୍ଦ ଶର୍ମା ଓ ଜିଲା ପରିଷଦ ନିର୍ବାହୀ ଅଧିକାରୀ ରବି ନାରାୟଣ ତ୍ରିପାଠୀ ଯୋଗ ଦେଇଥିଲେ। ଜିଲା ମଙ୍ଗଳ ଅଧିକାରୀ ଅଶୋକ ଶତପଥୀଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାୟଗଡ଼ା ଆଇଟିଡିଏ ପିଏ ପଦ୍ମଚରଣ ନାୟକ, ଗୁଣପୁର ଆଇଟିଡିଏ ପିଏ ଲୋକନାଥ ଦଳବେହେରା, ଶିକ୍ଷା ମଣ୍ଡଳାଧୀଶ ଶ୍ୟାମଘନ ଭୂୟାଁ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟ ସରକାର ଯେଉଁ ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ତାହା ସଫଳ ହୋଇଛି ବୋଲି ଜିଲା ମଙ୍ଗଳ ଅଧିକାରୀ କହିଥିଲେ। କାର୍ଯ୍ୟକ୍ରମ ଦ୍ୱାରା ଅନୁସୂଚିତ ଜାତି ଏବଂ ଜନଜାତିର ଛାତ୍ରୀଛାତ୍ର ସେମାନଙ୍କ ପରମ୍ପରା, ନୃତ୍ୟ ଓ ସଂସ୍କୃତିକୁ ସରଗିଫୁଲ୍ ମାଧ୍ୟମରେ ପ୍ରଦର୍ଶନ କରିବା ପାଇଁ ସୁଯୋଗ ପାଇଛନ୍ତି। ଉତ୍ସବରେ ୧୪୮ ସ୍କୁଲର ୧୬୨୪ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୪୬ ସ୍କୁଲର ଛାତ୍ରୀଛାତ୍ର ବିଜ୍ଞାନ ପ୍ରଦର୍ଶନୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେହିଭଳି ୨୬ ସ୍କୁଲର ବିଦ୍ୟାର୍ଥୀ ଭଲିବଲ ଖେଳରେ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ପ୍ରତିଯୋଗୀ ୨୨ ଏବଂ ୨୩ ରେ ରାଜ୍ୟସ୍ତରୀୟ ସରଗିଫୁଲ୍‌ରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମକୁ ଶିକ୍ଷକ ସଞ୍ଜୟ ବେହେରା, ସୁନନ୍ଦ ଜେନା, ପ୍ରଦୀପ ଚୌଧୁରୀ, ଶିବ ପଣ୍ଡା, ଏମ୍. ଶିବ ପ୍ରସାଦ, ନବୀନ ପାତ୍ର ପ୍ରମୁଖ ଶିକ୍ଷକ ପରିଚାଳନା କରୁଛନ୍ତି ।

## ପ୍ରେସ୍ କ୍ଲବ ପକ୍ଷରୁ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ

କୋରାପୁଟ,୩।୧୨(ସ୍ୱ.ପ୍ର)

କୋରାପୁଟସ୍ଥିତ ପ୍ରେସ କ୍ଲବ ଓ ଏକ୍ସବୋର୍ଡ ସ୍କୁଲଠାରେ ଶନିବାର ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି । କୋରାପୁଟ ପ୍ରେସକ୍ଲବଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରେସ କ୍ଲବ, ରାଷ୍ଟ୍ରଦୀପ ଓ ରେସପଣ୍ଡ ଟ୍ରଷ୍ଟର ମିଳିତ ସହଯୋଗରେ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସିମାଞ୍ଚଳ ମହାପାତ୍ର ଯୋଗଦେଇ ଦିବ୍ୟାଙ୍ଗମାନେ ଅନ୍ୟ ପିଲାଙ୍କଠାରୁ କୌଣସି ଗୁଣରେ କମ ବୋଲି ଭାବିବା ଉଚିତ ନୁହେଁ । ଏହି ଅବସରରେ ଦିବ୍ୟାଙ୍ଗମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ରାଷ୍ଟ୍ରଦୀପର ପ୍ରତିନିଧି ଜଳେନ୍ଦର ତ୍ରିପାଠୀ, ଆଇନଜୀବୀ ପୀତାମ୍ବର ସାହୁ , ପ୍ରେସ କ୍ଲବ ସମ୍ପାଦକ ଅମିତାଭ ବେହେରା, ସଭାପତି ଭବାନୀ ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ସ୍ଥାନୀୟ ଏକ୍ସବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଇଗ୍ନୋର ସହକାରୀ ନିର୍ଦ୍ଦେଶକ ଡ. ଲତିକା ମିଶ୍ର, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ, ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନି , ଏବିଇଓ ଶିବ ପ୍ରସାଦ ରଥ, ଯସନ୍ ବେନ୍ୟା ଯୋଗଦେଇ ଦିବ୍ୟାଙ୍ଗ ଦିବସର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ତୃତୀୟ ଶ୍ରେଣୀରୁ ଦଶମ ଶ୍ରେଣୀ ମଧ୍ୟରେ ଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଦୁଇଟି ବିଭାଗରେ ବିଭକ୍ତ କର ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ସେହିପରି ସ୍ଥାନୀୟ ପୋଲିସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରୁ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । କାର୍ଯ୍ୟକ୍ରମକୁ ଇତିଶ୍ରୀ ସୁବୁଦ୍ଧି,ମୋନଜ ଦାସ, ପ୍ରଦୀପ ପାତ୍ର ,ପ୍ରିୟ ରଞ୍ଜନ ଦାସ ପ୍ରମୁଖ ପରିଚାଳନା କରିଥିଲେ ।




କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

## ସଂକ୍ଷେପରେ

### ଖେଳକୁଦ ପ୍ରତିଯୋଗିତା ନେଇ ବୈଠକ

କାଲିମେଳା, ୩।୧୨ (ଡି.ଏନ.ଏ.)- ମାଲକାନଗିରି ଜିଲା କାଲିମେଳା ବ୍ଲକରେ ଡିସେମ୍ବର ୭ରୁ ୯ ପର୍ଯ୍ୟନ୍ତ ହେବାକୁ ଥିବା ୨ଦିନିଆ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ନେଇ ବ୍ଲକ କଲୋନି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ବାରୋଇ ଅଧ୍ୟକ୍ଷତା କରିଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିନ୍ତା ହରଣ ମଧୁ ଉପସ୍ଥିତ ଥିଲେ।

### ପରବ ମଶାଲ ଶୋଭାଯାତ୍ରା

ସୁନାବେଡ଼ା,୩।୧୨(ସ୍ୱ.ପ୍ର.)-ସୁନାବେଡ଼ା ପୌର ପରିଷଦ ପକ୍ଷରୁ ଜିଲାସ୍ତରୀୟ ପରବ ପାଳନ ଅବସରରେ ଶନିବାର ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ର , ନିର୍ବାହୀ ଅଧିକାରୀ ଗୋବିନ୍ଦ ଦନସେନା, ଉପାଧ୍ୟକ୍ଷା ରତୁ କଣ୍ଡାଙ୍କ ସମେତ ସମସ୍ତ କାଉନସିଲର ଓ ଛାତ୍ରୀଛାତ୍ର, ଏସ୍ଏଚ୍‌ଜି ସଦସ୍ୟାମାନେ ଉପସ୍ଥିତ ଥିଲେ। ଶ୍ରୀଜଗନ୍ନାଥଙ୍କ ମନ୍ଦିରଠାରେ ପୂଜାର୍ଚ୍ଚନା ପରେ ମଶାଲ ଜଳାଇ ଏଇଏଫ୍ ମାର୍କେଟ ପରିକ୍ରମାକରି ଦଶହରା ପଡ଼ିଆରେ ପହଞ୍ଚିଥିଲେ। ଏଠାରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୌର ପରିଷଦର ଗୋଷ୍ଠୀ ସଂଯୋଜକ ଚିତ୍ତରଞ୍ଜନ ସାହୁ, ଲକ୍ଷ୍ମୀଧର ମହାପାତ୍ର, ତ୍ରିନାଥ ପରିଡ଼ା ପରିଚାଳନା କରିଥିଲେ।

### ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୩।୧୨ (ନି.ପ୍ର.)- ପୌର ପ୍ରଶାସନ ତରଫରୁ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ବେଦବର ପ୍ରଧାନ, ପୌର କାର୍ଯ୍ୟନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ଉପସ୍ଥିତ ଥିଲେ। ୧୮ରୁ ୨୨ ବର୍ଷର ଯୁବତୀଯୁବକଙ୍କୁ କିପରି ଅଧିକରୁ ଅଧିକ ସଂଖ୍ୟାରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରାଯାଇପାରିବ ସେନେଇ ସଚେତନ କରାଯାଇଥିଲା। ଏଥିସହ ଭୋଟର ତାଲିକାରେ ନାମ ସଂଶୋଧନ, ବାଦ, ଆଧାର ସଂଯୋଗ ତଥା ଦିବ୍ୟାଙ୍ଗମାନଙ୍କୁ କିପରି ଫର୍ମ-୮ରେ ଅର୍ନ୍ତଭୁକ୍ତ କରାଯିବ ସେ ସମ୍ପର୍କରେ ସଚେତନ କରାଯାଇଥିଲା। ଜୟପୁର ବିକ୍ରମଦେବ କଲେଜ, ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନ, ଏଏନ୍ଏମ ତାଲିମ କେନ୍ଦ୍ରଠାରେ ଏହି ସଚେତନତା କାର୍ଯ୍ୟକ୍ରମ ହୋଇଥିଲା।

# ପରବ ମଞ୍ଚରେ ପ୍ରତିଭା ଦେଖାଇଲେ କଳାକାର

ଲକ୍ଷ୍ମୀପୁର, ୩।୧୨( ସ୍ୱ.ପ୍ର.)



ପରବ ମଞ୍ଚରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ଲକ୍ଷ୍ମୀପୁରରେ ବ୍ଲକସ୍ତରୀୟ ପରବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩ଟି ପଞ୍ଚାୟତର ଜନ ପ୍ରତିନିଧି, ଛାତ୍ରୀଛାତ୍ର ଓ ଜନସାଧାରଣ ସାମିଲ ହୋଇଥିଲେ। ମା ମୁତ୍ୟଲୁମା ମନ୍ଦିରରେ ପୂଜାର୍ଚ୍ଚନା ପରେ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରି ମିନି ଷ୍ଟାଡିୟମରେ ପହଞ୍ଚିଥିଲା। ପରବ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି ସସ୍ମିତା ମେଲେକା, ସମ୍ମାନିତ ଅତିଥି ରୂପେ ବିଧାୟକ ପ୍ରଭୁ ଜାନି, ପୂର୍ବତନ ଏମ୍‌ପି ଝିନ୍ନ ହିକାକା, ପୂର୍ବତନ ବିଧାୟକ କୈଳାସ କୁଲେସିକା, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ପ୍ରମୁଖ ଯୋଗ ଦେଇଥିଲେ। ୧୯୯୬ରୁ ପ୍ରତିବର୍ଷ ଲୋକ ମହୋତ୍ସବ ପରବ ଏଠାରେ ଅନୁଷ୍ଠିତ ହୋଇଆସୁଛି। ୨୦୦୩ରେ ରାଜ୍ୟ ସରକାର ପରବକୁ ଆଦିବାସୀ ମହୋତ୍ସବର ମାନ୍ୟତା ଦେଇଥିଲେ। ପରବ କୌଣସି, ଗୋଷ୍ଠୀ, ଜାତି, ଧର୍ମର ଏକ ନିର୍ଦ୍ଦିଷ୍ଟ ପର୍ବ ନୁହେଁ। କୋରାପୁଟ ଅଞ୍ଚଳର ନୃତ୍ୟ, ସଙ୍ଗୀତ, କଳା, ଲୋକଗୀତ, ପର୍ଯ୍ୟଟନ, ଖେଳକୁଦର ଉନ୍ନତି ଆଣିବା ଏହି ଉତ୍ସବର ମୁଖ୍ୟଲକ୍ଷ। ଏହି ଉତ୍ସବରେ ଗ୍ରାମାଞ୍ଚଳର କଳାକାର ଓ କ୍ରୀଡବିତମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ ପାରଦର୍ଶିତା ପ୍ରତିପାଦନ କରିଆସୁଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପରବ ପଡିଆରେ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲମାନ ଖୋଲାଯାଇଥିଲା। ଉଦଯାପନୀ ଉତ୍ସବରେ ଜିଲା ସଂସ୍କୃତି ଅଧିକାରୀ ପ୍ରୀତିସୁଦ୍ଧା ଜେନା ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଲକ୍ଷ୍ମୀପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶୁଆଇ କୁଲେସିକା, ବିଡିଓ ପ୍ରିତିରଞ୍ଜନ ରଥ ପରିଚାଳନା କରିଥିଲେ। ଅଧ୍ୟାପକ ଗିରିଜା ଶଙ୍କର ଚୌଧୁରୀ, ଥାନା ଅଧିକାରୀ ଶ୍ୱେତ ପଦ୍ମା ସେଠଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

କୋରାପୁଟ,୩।୧୨(ସ୍ୱ.ପ୍ର.)

କୋରାପୁଟସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର କନ୍‌ଫରେନ୍ସ ହଲ୍‌ରେ ୩୦ ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମ୍ପ୍ରସାରଣ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ହେମନ୍ତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କୋଲକତାସ୍ଥିତ କୃଷି ପ୍ରଯୁକ୍ତି ବିଦ୍ୟା ଅନୁସନ୍ଧାନ ପ୍ରତିଷ୍ଠାନର ପ୍ରଧାନ ବୈଜ୍ଞାନିକ ଡ. କଲ୍ୟାଣ ସୁନ୍ଦର ଦାସ ଯୋଗଦେଇ କୃଷିବିଜ୍ଞାନ କେନ୍ଦ୍ର କାର୍ଯ୍ୟକ୍ରମର ସମୀକ୍ଷା କରି ଆଗାମୀ ବର୍ଷର ଯୋଜନାର ଅନୁମୋଦନ ଓ ରୂପାନ୍ତରଣ ଉପରେ ଗୁରୁତ୍ୱାରୋପ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ବିଶ୍ୱନାଥ ସାହୁ ରବି ୨୦୨୧ ଓ ଖରିଫ ୨୦୨୨ର କାର୍ଯ୍ୟକ୍ରମ ଏବଂ ବର୍ଷ ୨୦୨୩-୨୪ର ଯୋଜନା ଉପସ୍ଥାପନା କରିଥିଲେ। ଆଞ୍ଚଳିକ ଗବେଷଣାଗାରର ମୁଖ୍ୟ ଡ. ପର୍ଶୁରାମ ଶିଆଳ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରବିନାରାୟଣ ପଣ୍ଡା, ନାବାର୍ଡର ଡିଡିଏମ୍ ମୁରାରୀ ମୋହନ ବେହେରା, ସୁନାବେଡ଼ାସ୍ଥିତ ମୃତ୍ତିକା ଓ ଜଳ ସଂରକ୍ଷଣର ମୁଖ୍ୟ ଡ.ଏଚ ଗୋଉଡା, ଜିଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ଅରୁଣ ବେହେରା, ଜିଲା କୃଷି ଅଧିକାରୀ ବୈକୁଣ୍ଠନାଥ ବେହେରା, ସହକାରୀ ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ସେନାପତି, ଅଳସୀ ଗବେଷଣାଗାରର ମୁଖ୍ୟ ବିଭୂତି ଭୁଷଣ ଦଲେଇ, ଜୟପୁର ଧାନ ଗବେଷଣାଗାରର ମୁଖ୍ୟ ମିହିର ରଞ୍ଜନ ମହାନ୍ତି, ଆଗ୍ରୋ ପଲିଟେକନିକ ଅଧ୍ୟକ୍ଷା ସୋମ୍ୟା କାନୁଗୋଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। କ୍ଷେତ୍ର ବିଜ୍ଞାନୀ ସୁନିତା ଦଣ୍ଡସେନା ଧନ୍ୟବାଦ ଦେଇଥିଲେ ।



ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

# ମାଲକାନଗିରି ଛାତ୍ରୀଛାତ୍ରମାନେ କେଉଁ ଗୁଣରେ କମ୍ ନୁହନ୍ତି



ସର୍ଗିଫୁଲ ଉତ୍ସବରେ ମଞ୍ଚାସୀନ ଅତିଥି ।

## ଜିଲାସ୍ତରୀୟ ସର୍ଗିଫୁଲ ଉତ୍ସବ

ମାଲକାନଗିରି, ୩।୧୨(ଡି.ଏନ.ଏ.)

ମାଲକାନଗିରିରେ ଜିଲାସ୍ତରୀୟ ସର୍ଗିଫୁଲ ଉତ୍ସବ ଓ ବିଜ୍ଞାନମେଳା ମାଲ୍ୟବନ୍ତ ଛାତ୍ରାବାସ ପରିସରରେ ଜିଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ବିଶାଳ ସିଂ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ଉପଜିଲାପାଳ ଅକ୍ଷୟ ଖେମୁଣ୍ଡୁ, ଅନ୍ୟତମ ଅତିଥି ଭାବେ ପିଏ ଆଇଟିଡିଏ ତ୍ରିନାଥ ମାଝି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଚନ୍ଦ୍ର ଦାସ, ଜିଲା ସାମାଜିକ କଲ୍ୟାଣ ଅଧିକାରୀ ଯୋଗଦେଇଥିଲେ। ଆଜିର ଶିଶୁ ଆସନ୍ତାକାଲିର ନାଗରିକ। ଶିଶୁ ହସିଲେ ଦେଶ ହସିବ। ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲାର ଛାତ୍ରୀଛାତ୍ରମାନେ କେଉଁ ଗୁଣରେ କମ ନୁହନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଜ୍ଞାନମେଳା ଆୟୋଜିତ ହୋଇଥିଲା। ସର୍ଗିଫୁଲ ଉତ୍ସବରେ ଜିଲାର ବିଭିନ୍ନ ଅଞ୍ଚଳରୁ ମଙ୍ଗଳ ବିଭାଗ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। କ୍ରୀଡ଼ା, ବକ୍ତୃତା, ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଦାବିପତ୍ର

ଜୟପୁର, ୩।୧୨ (ନି.ପ୍ର.)

ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଜୟପୁର ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜୟପୁର ଗୋଷ୍ଠି ଶିକ୍ଷାଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମୃତ୍ୟୁଞ୍ଜୟ ପଣ୍ଡା ଦାବିପତ୍ର ଗ୍ରହଣ କରିଥିଲେ। ୨୦୦୪ରୁ ବ୍ଲକ ଗ୍ରାଣ୍ଟ ଅଧୀନରେ ୫ ହଜାର ସ୍କୁଲ ଏବଂ କଲେଜ ଦୟନୀୟ ଅବସ୍ଥାରେ ରହିଛି । ସେଥିରେ କାର୍ଯ୍ୟରତ ଶିକ୍ଷକଙ୍କୁ ସପ୍ତମ ବେତନ କମିଶନ ହାରରେ ଦରମାଦୋବ, ବ୍ଲକ ଗ୍ରାଣ୍ଟ ଅଧୀନରେ ଥିବା ସମସ୍ତ ସ୍କୁଲ ଓ କଲେଜ କୁ ଜିଆଇଏ ପ୍ରଦାନ କରିବା, ସମସ୍ତ କର୍ମଚାରୀଙ୍କୁ ଚାକିରି ସମୟରେ ସମସ୍ତ ସୁବିଧା ସହ ଅବସରକାଳିନ ସୁବିଧା ଦେବା, ଶିକ୍ଷକ ଓ କର୍ମଚାରୀଙ୍କ ଅବସର ବୟସ ୬୦ରୁ ୬୨କୁ ବୃଦ୍ଧି କରିବା, ଖାଲିଥିବା ପଦବୀ ପୂରଣ କରିବା, ୪୮ ବର୍ଷ ଅତିକ୍ରମ କରିଥିବା ହିନ୍ଦୀ, ସଂସ୍କୃତ ଶିକ୍ଷକଙ୍କୁ ଟିଜି ସ୍କେଲ ପ୍ରଦାନ କରିବା ଆଦି ଦାବି ରହିଛି ।

# ଅନ୍ତନିବେଶି ଶିକ୍ଷାସାଧନ କେନ୍ଦ୍ର ଉଦ୍‌ଘାଟିତ

କୋରୁକୋଣ୍ଡା,୩।୧୨(ଡି.ଏନ. ଏ)

ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ କୋରୁକୋଣ୍ଡା ବ୍ଲକ ସଦର ମହକୁମାରେ ଅନ୍ତନିବେଶି ଶିକ୍ଷାସାଧନ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ମାଡା ମାଢ଼ି, ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ସଞ୍ଜୟ ମାଳାକାର, ଗୋଷ୍ଠୀ ସାଧନ କର୍ମୀ ତପସିନୀ ସାହୁଙ୍କ ସମେତ ଦିବ୍ୟାଙ୍ଗ ଛାତ୍ରିଛାତ୍ରୀ, ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ । ଏହି ଅବସରରେ ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# କୋରାପୁଟରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ

କୋରାପୁଟ,୩।୧୨(ସ୍ୱ.ପ୍ର. )

କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ-୨୦୨୨ ସ୍ଥାନୀୟ ଦୃଷ୍ଟିବାଧିତ ବିଦ୍ୟାଳୟଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳ ସାଢେ ୯ରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଦୃଷ୍ଟିବାଧିତ ବିଦ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୋରାପୁଟ ଦୃଷ୍ଟିବାଧିତ ବିଦ୍ୟାଳୟ, ମାନସ, ସୁନାବେଡା ଶ୍ରବଣବାଧିତ ବିଦ୍ୟାଳୟ, କୋରାପୁଟ ଏବଂ ସରକାରୀ ବାଳିକା ବିଦ୍ୟାଳୟର ୧୭୦ ଜଣ ଦିବ୍ୟାଙ୍ଗ ଏବଂ ସାଧାରଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ବକ୍ତୃତା , ପ୍ରବନ୍ଧ, ନାଚ, ସଙ୍ଗୀତ, ଚିତ୍ର, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା କରାଯାଇଥିଲା। ଜିଲା ପ୍ରଶାସନର ସାମାଜିକ ସୁରକ୍ଷା ଉପବିଭାଗ ପକ୍ଷରୁ ସେମାନେ ସ୍ୱାବଲମ୍ବନ ହେବା ପାଇଁ ୫ ଜଣ ଦିବ୍ୟାଙ୍ଗଙ୍କୁ ସିଲେଇ ମେଶିନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ଯୋଗଦେଇ ଦିବ୍ୟାଙ୍ଗ ପିଲାମାନଙ୍କ ଉପସ୍ଥାନା ଅତ୍ୟନ୍ତ ଉଚ୍ଚକୋଟିର ବୋଲି ଅଭିହିତ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସାମାଜିକ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦିଲିପ ହିଆଲ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆହାନା ବୈଦ, ଜଗନ୍ନାଥ ନାୟକଙ୍କ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିଇଓଙ୍କୁ ଦାବିପତ୍ର

କାଲିମେଳା, ୩।୧୨(ଡି.ଏନ.ଏ.)- ମାଲକାନଗିରି ଜିଲା କାଲିମେଳା ବ୍ଲକ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ବ୍ଲକ ଶାଖା ଶିକ୍ଷକ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ସମାଧାନ ନେଇ ବିଇଓ ରମେଶ ଚନ୍ଦ୍ର ବାରୋଇଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲା ଓଷ୍ଟା ସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତି,ସମ୍ପାଦକ ମନୋଜ ମହାପାତ୍ର, ବ୍ଲକ ସଭାପତି ଗିରିଧାରୀ ସାହୁ, ସମ୍ପାଦକ ନାଗେଶର ଦୋରା, ଚିତ୍ତ ରଞ୍ଜନ ପଣ୍ଡା, ଅଶୋକ ରାଉତ, ଗୋପୀନାଥ ପରିଡା, ବିରଞ୍ଚି ନାରାୟଣ ନାଥ, ଗୌରାଙ୍ଗ ମଣ୍ଡଲ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସପ୍ତମ କମିଶନ ହାରରେ ଦରମା, ଅବସର ପରେ ପେନସନ ଯୋଜନା କାର୍ଯ୍ୟକାରୀ କରିବା ସହ ଅନ୍ୟାନ୍ୟ ଦାବି ରହିଛି।






























